# ଅଧ୍ୟାୟ – VI

# ସ୍ୱତନ୍ତ୍ର ବର୍ଜ୍ୟବସ୍ତୁ ଏବଂ ନିର୍ମାଣ ଓ ଏହାର ଭଗ୍ନାବଶେଷ ବର୍ଜ୍ୟବସ୍ତୁ ପରିଚାଳନା

`

# ଅଧ୍ୟାୟ – VI

## ସ୍ୱତନ୍ତ୍ର ବର୍ଜ୍ୟବସ୍ତୁ ଏବଂ ନିର୍ମାଣ ଓ ଏହାର ଭଗ୍ନାବଶେଷ ବର୍ଜ୍ୟବସ୍ତୁ ର ପରିଚାଳନା

ଏମଏସଡବ୍ଲୁ ମାନୁଆଲ,2016 ର ଧାରା 7.1 ଅନୁଯାୟୀ, ନିମ୍ନଲିଖିତ ବର୍ଜ୍ୟବସ୍ତୁ କୁ ସ୍ୱତନ୍ତ୍ର ବର୍ଜ୍ୟବସ୍ତୁ ଭାବରେ ବ୍ୟାଖ୍ୟା କରାଯାଇଛି ଯଥା (କ) ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ (ଖ) ଇଲେକ୍‌ଟ୍ରିକ ଏବଂ ଇଲେକଟ୍ରୋନିକ୍ ବର୍ଜ୍ୟବସ୍ତୁ (ଇ-ବର୍ଜ୍ୟବସ୍ତୁ) (ଗ)ବାୟୋ-ମେଡିକାଲ୍ ବର୍ଜ୍ୟବସ୍ତୁ(ବିଏମଡବ୍ଲୁ)ଏବଂ (ଘ) କଂସାଇଖାନା ଆବର୍ଜନା ।

## 6.1 ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା

ପରିବେଶ,ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ,ଜିଓଆଇ(ଫେବୃଆରୀ 2011) ରେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା (ପରିଚାଳନା ଏବଂ ନିୟନ୍ତ୍ରଣ) ନିୟମ,2011 (ପିଡବ୍ଲୁଏମ ନିୟମ,2011) ବିଜ୍ଞପ୍ତି ଜାରି କରିଥିଲେ । ଏହାକୁ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ନିୟମ 2016(ପିଡବ୍ଲୁଏମ ନିୟମ,2016) ଦ୍ୱାରା ବଦଳାଯାଇଥିଲା ଯାହା ଜିଓଆଇ(ମାର୍ଚ୍ଚ 2016) ଦ୍ୱାରା ସୂଚିତ କରାଯାଇଥିଲା । ଏହି ନିୟମ ପ୍ରତ୍ୟେକ ବର୍ଜ୍ୟବସ୍ତୁ ଜେନେରେଟର, ସ୍ଥାନୀୟ ସଂସ୍ଥା, ଆମଦାନୀକରୀ ଏବଂ ଉତ୍ପାଦକ ପାଇଁ ପ୍ରଯୁଜ୍ୟ ।

### 6.1.1 ୟୁଏଲବି ଦ୍ୱାରା ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ନିୟମକୁ ପାଳନ କରିବାର ସ୍ଥିତି

ପିଡବ୍ଲୁଏମ ନିୟମ, 2016 ର ଧାରା 5 ଏବଂ 6 ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ/ସ୍ଥାନୀୟ ସଂସ୍ଥାର ଦାୟିତ୍ୱ ବର୍ଣ୍ଣନା କରେ । ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ ଏହି ବ୍ୟବସ୍ଥାଗୁଡିକର ଅନୁପାଳନର ସ୍ଥିତି ନିମ୍ନ ସାରଣୀରେ ଦର୍ଶାଯାଇଛି

**ସାରଣୀ - 6.1: ପିଡବ୍ଲୁଏମ ନିୟମ 2016 ର ଅନୁପାଳନର ସ୍ଥିତି**

| କ୍ରମିକ ସଂଖ୍ୟା | ଆବଶ୍ୟକତା | ପିଡବ୍ଲୁଏମ ନିୟମ,2016 ଅଧିନରେ ବ୍ୟବସ୍ଥା | ଅନୁକରଣ/ଟିପ୍ପଣୀ |
|---|---|---|---|
| 1 | ପୃଥକତା, ସଂଗ୍ରହ, ସଂରକ୍ଷଣ, ପରିବହନ, ପ୍ରକ୍ରିୟାକରଣ,ଏବଂ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ନିଷ୍କାସନ ନିଶ୍ଚିତ କରିବା | ନିୟମ 6(2)(କ) | ପରୀକ୍ଷଣ ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକ ମିଶ୍ରିତ ବର୍ଜ୍ୟବସ୍ତୁ ସଂଗ୍ରହ କରି ଲ୍ୟାଣ୍ଡଫିଲ୍ ସ୍ଥାନକୁ ପରିବହନ କରୁଥିଲେ ।<br>ଏସଓପି ଲାଗୁହେଲା ପରେ (ଜୁଲାଇ 2019/ଡିସେମ୍ବର 2020) ୟୁଏଲବିଗୁଡିକ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ କୁ ପୃଥକ କରାଯାଉଥିବା ଏମସିସି/ଏମଆରଏଫ୍ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଗ୍ରହଣ କରିଛନ୍ତି । ଯେହେତୁ ସମସ୍ତ ୟୁଏଲବିରେ ଏମସିସି/ଏମଆରଏଫ୍ ପ୍ରକଳ୍ପ ସମାପ୍ତ ଏବଂ କାର୍ଯ୍ୟକ୍ଷମ ହୋଇନାହିଁ, ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁକୁ ପୃଥକ କରିବା ଆଂଶିକ ଭାବରେ କରାଯାଉଛି । |
| 2 | ସମସ୍ତ ହିତାଧିକାରୀଙ୍କ ମଧ୍ୟରେ ସେମାନଙ୍କ ଦାୟିତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା | ନିୟମ 6(2)(ଙ) | ପ୍ଲାଷ୍ଟିକ୍ ସ୍ଥାନରେ ବିକଳ୍ପ ଦ୍ରବ୍ୟର ବ୍ୟବହାର ବିଷୟରେ ସଚେତନତା ଯାଞ୍ଚ ହୋଇଥିବା ୟୁଏଲବି ଦ୍ୱାରା ପ୍ରୋତ୍ସାହିତ ହୋଇନଥିଲା । |
| 3 | ବର୍ଜ୍ୟବସ୍ତୁ ସଂଗ୍ରହକାରୀଙ୍କ ସହିତ ବର୍ଜ୍ୟବସ୍ତୁ ପରିଚାଳନା ରେ କାର୍ଯ୍ୟ କରୁଥିବା ନାଗରିକ ସମାଜ କିମ୍ବା ଗୋଷ୍ଠୀକୁ ନିୟୋଜିତ କରିବା | ନିୟମ 6(2)(ଚ) | ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଜୁଲାଇ 2019 ରେ ଏସଓପି ଜାରି ହେବାପରେ ଏସଏଚଜି ଗୋଷ୍ଠୀର ସଙ୍ଗ ସାଥି ନିୟୋଜିତ ହୋଇଥିଲେ । ଯେହେତୁ ଏମଆରଏଫ୍ ପ୍ରକଳ୍ପ ଗୁଡିକ ୟୁଏଲବି ରେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇନଥିଲା , ଅଳିଆ ଗୋଟାଳି ବ୍ୟକ୍ତିମାନେ ନିୟୋଜିତ ହୋଇନଥିଲେ । |
| 4 | ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ନିୟମ ସ୍ଥାନୀୟ ସଂସ୍ଥା ଗୁଡିକ ଉତ୍ପାଦକଙ୍କ ବିସ୍ତାରିତ ଉତ୍ପାଦକ ଦାୟିତ୍ୱ (ଇପିଆର) ନୀତିର ସହାୟତା ଲୋଡିବା ଉଚିତ | ନିୟମ 6(3) | କୌଣସି ୟୁଏଲବି(ଅଡିଟ୍ ଦ୍ୱାରା ଯାଞ୍ଚ ହୋଇଥିବା ) ଇପିଆର ଆଧାରିତ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ପ୍ରଣାଳୀ ପ୍ରତିଷ୍ଠା କରି ନାହାନ୍ତି । |
| 5 | ସ୍ଥାନୀୟ ସଂସ୍ଥା ଗୁଡିକ ପିଡବ୍ଲୁଏମ ନିୟମର ବ୍ୟବସ୍ଥା ଗୁଡିକୁ ଅନ୍ତର୍ଭୁକ୍ତ କରି ବାଇ- ଲ ଗଠନ କରିବା କଥା | ନିୟମ 6(4) | ବିଏମସି ବ୍ୟତିତ ଯାଞ୍ଚକରାଯାଇଥିବା କୌଣସିଟି ୟୁଏଲବି ପିଡବ୍ଲୁଏମ ନିୟମର ବ୍ୟବସ୍ଥା ଗୁଡିକୁ ଅନ୍ତର୍ଭୁକ୍ତ କରି ବାଇ-ଲ ଗଠନ କରିନାହାନ୍ତି । ମାର୍ଚ୍ଚ 2021 ସୁଦ୍ଧା ଏ ପର୍ଯ୍ୟନ୍ତ ବିଏମସିର ବାଇ-ଲ ଅନୁମୋଦନ ହୋଇନାହିଁ । |

*(ଉତ୍ସ: ଅଡିଟ୍ ଦ୍ୱାରା ସଂକଳିତ)*

ଏହିପରି ୟୁଏଲବି ଗୁଡିକର ପିଡବ୍ଲୁଏମ (2016) ପାଇଁ ନିୟମର ଅନୁସରଣ କରିବାରେ ବିଫଳତା ହେତୁ ପୃଥକିକରଣ ଦ୍ୱାରା କମ୍ ହୋଇଥିଲା । ଏହିପରି, ଅଣପୃଥକିକୃତ ମିଶ୍ରିତ ବର୍ଜ୍ୟବସ୍ତୁ ଲ୍ୟାଣ୍ଡଫିଲ୍ ଅଞ୍ଚଳ ରେ ପହଞ୍ଚିଲା । ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ ଜେପିଭି (ଡିସେମ୍ବର 2020 ରୁ ସେପ୍ଟେମ୍ବର 2021) ଦ୍ୱାରା ଜଣାଗଲା ଯେ ନିଷିଦ୍ଧ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଲ୍ୟାଣ୍ଡଫିଲ୍ ସ୍ଥାନରେ ପକାଯାଇଛି ।

ପ୍ଲାଷ୍ଟିକ୍ ପ୍ରକ୍ରିୟାକରଣ ସୁବିଧା ପ୍ରତିଷ୍ଠା  ପାଇଁ ପଦକ୍ଷେପ ନିଆଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ , ୟୁଏଲବି ରାୟଗଡା (ମାର୍ଚ୍ଚ 2021) ରେ କହିଛନ୍ତି । ଜୟପୁର /ସମ୍ବଲପୁର ୟୁଏଲବିର କାର୍ଯ୍ୟନିବାହୀ ଅଧିକାରୀ ଅଡିଟ୍ ମନ୍ତବ୍ୟ ଗୁଡିକୁ ଲିପିବଦ୍ଧ କରିଛନ୍ତି ।

## 6.1.2 ନିଷିଦ୍ଧ ପ୍ଲାଷ୍ଟିକ୍ ର ବ୍ୟବହାର

ପିଡବ୍ଲୁଏମ ନିୟମ, 2011 ର ଧାରା 5(ଗ) ଅନୁଯାୟୀ ନୂତନ କିମ୍ବା ପୁନଃ ପ୍ରକ୍ରିୟାକୃତ ପ୍ଲାଷ୍ଟିକ୍ ରେ ନିର୍ମିତ କୌଣସି ପରିବହନ ବ୍ୟାଗ୍ର ଉତ୍ପାଦନ,ଷ୍ଟକ୍,ବଣ୍ଟନ ଏବଂ ବିକ୍ରୟକୁ ନିଷିଦ୍ଧ କରାଯାଇଅଛି, ଯାହା ର ମୋଟେଇ 40 ମାଇକ୍ରନ ଠାରୁ କମ୍ ଅଟେ । ପରବର୍ତ୍ତୀ ସମୟରେ, ପିଡବ୍ଲୁଏମ ନିୟମ,2016 ର ଧାରା 4(ଗ) ଅନୁଯାୟୀ, ନୁତନ କିମ୍ବା ପୁନଃ ପ୍ରକ୍ରିୟାକୃତ ପ୍ଲାଷ୍ଟିକ୍ ରେ ନିର୍ମିତ ବ୍ୟାଗ୍  ର ମୋଟେଇ 50 ମାଇକ୍ରନ୍ ଠାରୁ କମ୍ ହେବନାହିଁ ।

ଓଡିଶା ସରକାର , (ସେପ୍ଟେମ୍ବର 2018) ରେ ପ୍ଲାଷ୍ଟିକ ପରିବହନ ବ୍ୟାଗ୍, ବ୍ୟାନର, ବଣ୍ଟିଂ, ଫ୍ଲେକ୍ସ, ପ୍ଲାଷ୍ଟିକ ପତାକା, ପ୍ଲାଷ୍ଟିକ୍ ପ୍ଲେଟ୍, କପ, ପ୍ଲାଷ୍ଟିକ୍ ଚାମଚ, ଅତି ପତଳା ଜରି ଏବଂ ଥର୍ମୋକଲ ଏବଂ ପ୍ଲାଷ୍ଟିକରେ ତିଆରି ପ୍ଲାଷ୍ଟିକ୍ ସିଟ୍ ଉତ୍ପାଦନ, ଯୋଗାଣ, ବିକ୍ରୟ ତଥା ବ୍ୟବହାର ଉପରେ ନିଷେଧାଦେଶ ଜାରିକରିଥିଲେ ।

ଏସପିସିବି ଦ୍ୱାରା ସିପିସିବି ରେ ଦାଖଲ ହୋଇଥିବା ବାର୍ଷିକ ରିପୋର୍ଟ (2015-20) ଅନୁଯାୟୀ,ରାଜ୍ୟରେ ହାରାହାରି 99.90 ଟିପିଡି ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସୃଷ୍ଟି ହୋଇଛି । ପ୍ଲାଷ୍ଟିକ୍ ଉପରେ ନିଷେଧାଦେଶ ନିଶ୍ଚିତ କରିବାକୁ , ଡିଏମଏ କହିଛି ଯେ 114 ୟୁଏଲବି 2019-20 ଏବଂ 2020-21 ମଧ୍ୟରେ 16,286 କି.ଗ୍ରା ଏବଂ 34,124 କି.ଗ୍ରା. ନିଷିଦ୍ଧ ପ୍ଲାଷ୍ଟିକ୍ ଜବତ କରିଛି ଏବଂ  ମଧ୍ୟରେ ଦଣ୍ଡ ପାଇଁ ଯଥାକ୍ରମେ ₹36.44 ଲକ୍ଷ ଏବଂ ₹50.59 ଲକ୍ଷ ଜୋରିମାନା ସଂଗ୍ରହ କରିଛନ୍ତି  । ଯାଞ୍ଚ ହୋଇଥିବା 21 ୟୁଏଲବି ରେ 27,258 କି.ଗ୍ରା . ନିଷିଦ୍ଧ ପ୍ଲାଷ୍ଟିକ୍ ଜବତ ହୋଇଛି ଏବଂ 2019-21 ମଧ୍ୟରେ ₹45.22 ଲକ୍ଷ ଜୋରିମାନା ସଂଗ୍ରହ ହୋଇଛି । ନିଷିଦ୍ଧ ପ୍ଲାଷ୍ଟିକ୍ ଗୁଡିକ ୟୁଏଲବି ଏବଂ ଶୁଖିଲା ବର୍ଜ୍ୟବସ୍ତୁ ସଂଗ୍ରହ କେନ୍ଦ୍ର ମଧ୍ୟରେ ରଖାଯାଇଥିଲା । ନିଷିଦ୍ଧ ପ୍ଲାଷ୍ଟିକ୍ କୁ ନିଷ୍କାସନ ପାଇଁ ୟୁଏଲବି ଗୁଡିକ ଏପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ କରିନଥିଲେ କେବଳ ଦୁଇଟି ୟୁଏଲବି ପ୍ରକ୍ରିୟାକରଣ ପାଇଁ  541.38 କି.ଗ୍ରା.( ବରଗଡ 191.38,ରାଉରକେଲା 350 କି.ଗ୍ରା.) ପାଖ ସିମେଣ୍ଟ କାରଖାନାକୁ ପ୍ରକ୍ରିୟାକରଣ ପାଇଁ ପଠେଇଥିଲେ । ଅଡିଟ୍ ଦେଖିଲା ଯେ ନିଷିଦ୍ଧ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଗୁଡିକୁ ପରିବାରର ଉତ୍ସରୁ ସଂଗ୍ରହ କରାଯାଇଛି ଯାହା ସୂଚାଇ ଦେଇଛି ଯେ ପ୍ଲାଷ୍ଟିକ୍ ନିଷେଧାଦେଶ ପ୍ରଭାବଶାଳୀ ଭାବେ କାର୍ଯ୍ୟକାରୀ ହୋଇନାହିଁ ।

### 6.1.2.1 50 ମାଇକ୍ରନରୁ କମ୍ ପ୍ଲାଷ୍ଟିକ୍ ର ଉତ୍ପାଦନ

ପିଡବ୍ଲୁଏମ ନିୟମ,2016 ର ଧାରା 13 ଧାର୍ଯ୍ୟ କରିଛି ଯେ ଯଦି ୟୁନିଟ୍ ର ଏଚସିଇ ଗୁଡିକ ଏସପିସିବି ରେ ପଞ୍ଜୀକୃତ ହୋଇନଥିବେ କୌଣସି ବ୍ୟକ୍ତି ଏହାର ଆକାର କିମ୍ବା ଓଜନ ନିର୍ବିଶେଷରେ ବ୍ୟାଗ କିମ୍ବା ପାତ୍ର ତିଆରି କରିବା ଉଚିତ୍ ନୁହେଁ । ପିଡବ୍ଲୁଏମ ନିୟମ 2016 ର ଧାରା 4(ଖ) ଅନୁଯାୟୀ, କୌଣସି ବିକ୍ରେତା ପ୍ଲାଷ୍ଟିକ୍ ପରିବହନ ବ୍ୟାଗ୍ କିମ୍ବା ପୁନଃ ବ୍ୟବହୃତ ପ୍ଲାଷ୍ଟିକ୍ ରେ ନିର୍ମିତ ଦ୍ରବ୍ୟ, ସଂରକ୍ଷଣ, ବହନ ବିତରଣ କିମ୍ବା ଖାଇବା କିମ୍ବା ପିଇବା ପାଇଁ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ କିମ୍ବା ପ୍ୟାକେଜିଂ ପାଇଁ ବ୍ୟବହାର କରାଯିବ ନାହିଁ ।



ଫଟୋଗ୍ରାଫ୍ 22: ଖାଦ୍ୟ ପ୍ୟାକିଂ ନିମନ୍ତେ ବ୍ୟବହୃତ ପ୍ଲାଷ୍ଟିକ୍

ମିଳିତ ଯାଞ୍ଚ (ଜେପିଭି) ସମୟରେ ଅଡିଟ୍ ଜାଣିବାକୁ ପାଇଲା ଯେ ପ୍ଲାଷ୍ଟିକ୍ ପରିବହନ ବ୍ୟାଗ୍ କିମ୍ବା ପାତ୍ରଗୁଡିକ ଉତ୍ପାଦନ ଉପରେ ନିଷେଧାଦେଶ ଥାଇ ମଧ ଖାଦ୍ୟ ସାମଗ୍ରୀ , ପନିପରିବା ଇତ୍ୟାଦି ପ୍ୟାକ୍ କରିବା ପାଇଁ ପ୍ଲାଷ୍ଟିକ୍ ର ବ୍ୟବହାର କରାଯାଇଥିଲା । ଏସପିସିବି ରିପୋର୍ଟ ଅନୁସାରେ ମାର୍ଚ୍ଚ 2020 ସୁଦ୍ଧା ଓଡିଶାରେ 99 ଟି ଅଣପ୍ରାଧିକୃତ

ପ୍ଲାଷ୍ଟିକ୍ ଉତ୍ପାଦନ ୟୁନିଟ୍ ଥିଲା । ମାର୍ଚ୍ଚ 2020 ସୁଦ୍ଧା ଏସପିସିବି ନିୟମ ଉଲଙ୍ଘନ କରି ଅନଧିକୃତ ପ୍ଲାଷ୍ଟିକ ତିଆରି କରୁଥିବା ସଂସ୍ଥାକୁ ବନ୍ଦ କରିବା ପାଇଁ ନୋଟିସ ଜାରି କରିନଥିଲେ । ଏହା ସୂଚିତ କରେ ଯେ ପିଡବ୍ଲୁଏମ ନିୟମାବଳୀ ସଂମ୍ପୂର୍ଣ୍ଣ ରୁପେ କାର୍ଯ୍ୟକାରୀ ହେଉନାହିଁ ଯାହା ଫଳରେ ବଜାରରେ ଆବର୍ଜନା ବ୍ୟତୀତ ଅନ୍ୟାନ୍ୟ ସାମଗ୍ରୀ ପରିବହନ ପାଇଁ ନିଷିଦ୍ଧ ପ୍ଲାଷ୍ଟିକ୍ ଉତ୍ପାଦ ଉପଲବ୍ଧ ହେଉଛି ।

## 6.1.2.2 ପ୍ଲାଷ୍ଟିକ୍ ସାଚେଟ୍ ର ବ୍ୟବହାର

ପିଡବ୍ଲୁଏମ ନିୟମ ର ଧାରା 4(ଚ) (ଛ) ଧାର୍ଯ୍ୟ କରୁଛି ଯେ ଗୁଟଖା, ତମାଖୁ ଏବଂ ପାନ ମସଲା ସଂରକ୍ଷଣ, ପ୍ୟାକ୍ କିମ୍ବା ବିକ୍ରୟ ପାଇଁ ପ୍ଲାଷ୍ଟିକ୍ ସାମଗ୍ରୀ ରେ ନିର୍ମିତ ସାଚେଟ୍ ବ୍ୟବହାର କରାଯିବ ନାହିଁ ।

ଯାଞ୍ଚ ହୋଇଥିବା ସମସ୍ତ ୟୁଏଲବି ର ବଜାରରେ ମିଳିତ ଯାଞ୍ଚ ବେଳେ ଅଡିଟ୍ ଦେଖିବାକୁ ପାଇଥିଲା ଯେ ବିକ୍ରେତାମାନେ ଗୁଟ୍‌ଖା , ତମାଖୁ ଏବଂ ପାନ ମସାଲା ସଂରକ୍ଷଣ,ପ୍ୟାକ୍ କରିବା , ବିକ୍ରୟ କରିବା ପାଇଁ ପ୍ଲାଷ୍ଟିକ୍ ସାମଗ୍ରୀ ବ୍ୟବହାର କରୁଥିଲେ ଯାହା ରାଜ୍ୟ ରେ ପିଡବ୍ଲୁଏମ ନିୟମକୁ କାର୍ଯ୍ୟକାରୀ କରିବାରେ ଅଭାବକୁ ଦର୍ଶାଏ ।

ସରକାର କହିଲେ (ମଇ 2022) ଯେ, ୟୁଏଲବି ସ୍ତରରେ ଏକ କମିଟି ଗଢାଯାଇ ତାର ମାଧ୍ୟମରେ ପ୍ଲାଷ୍ଟିକ ଉପରେ ବ୍ୟାନ୍ କୁ ସଶକ୍ତ କରାଯାଇଛି । ଆଇସି ଏବଂ ବ୍ୟବହାର ପରିବର୍ତ୍ତନ କାର୍ଯ୍ୟକ୍ରମ ମାଧ୍ୟମରେ ବିରାଟ ସଚେତନତା କାର୍ଯ୍ୟକ୍ରମ କରି ଲୋକଙ୍କୁ ବାରଣ କରାଯାଇଥିବା ପ୍ଲାଷ୍ଟିକ୍ ବିଷୟରେ ଅବଗତ କରାଯାଉଅଛି । ପରନ୍ତୁ, ପିଡବ୍ଲୁଏମ ନିୟମ ଲାଗୁ ହେବାର ପାଞ୍ଚ ବର୍ଷ ପରେ ମଧ୍ୟ ପ୍ଲାଷ୍ଟିକ୍ ବାରଣ ଲାଗି ନିଆଯାଇଥିବା ପଦକ୍ଷେପ ପ୍ରଭାବହୀନ ଥିଲା ।

## 6.1.3 ବିକଳ୍ପ ବ୍ୟବହାରକରୀଙ୍କ ପାଇଁ ପ୍ଲାଷ୍ଟିକ୍ ର ବ୍ୟବହାର ନହେବା

ପିଡବ୍ଲୁଏମ ନିୟମ, 2016 ର ଧାରା 5(ଖ) ରେ ଦର୍ଶାଯାଇଛି ଯେ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ/ସ୍ଥାନୀୟ ସଂସ୍ଥା ଇଣ୍ଡିଆନ୍ ରୋଡ୍ କଂଗ୍ରେସ୍ (ଆଇଆରସି) ନିର୍ଦ୍ଦେଶାବଳୀ ଅନୁଯାୟୀ ସଡକ ନିର୍ମାଣ କିମ୍ବା ଶକ୍ତି ପୁନରୁଦ୍ଧାର କିମ୍ବା ବର୍ଜ୍ୟବସ୍ତୁ ରୁ ତେଲ ଇତ୍ୟାଦି ପାଇଁ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ବ୍ୟବହାରକୁ (ବିଶେଷତଃ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଯାହା ପୁନଃ ବ୍ୟବହାର ହୋଇପାରିବ ନାହିଁ ) ଉତ୍ସାହିତ କରିବା କଥା । ସଡକ ନିର୍ମାଣ କାର୍ଯ୍ୟ ପାଇଁ ୱେରିଂ କୋର୍ସରେ (ଆଇରସି-ଏସପି-98-2013) ଗରମ ବିଟୁମିନସ୍ ସହ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁର ମିଶ୍ରଣର ବ୍ୟବହାର ପାଇଁ ଆଇଆରସି ନିର୍ଦ୍ଦେଶାବଳୀ ଜାରି କରିଛି କାରଣ ବିଟୁମିନସ ନିର୍ମାଣରେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁର ବହୁଳ ବ୍ୟବହାର ହୋଇପାରିବ । ଏହା ସ୍ଥାୟୀତ୍ୱ, ଶକ୍ତି ଏବଂ ବିଟୁମିନସ୍ ର ଅନ୍ୟାନ୍ୟ ଗୁଣବତ୍ତାକୁ ବଢାଇଥାଏ ଯାହଫଳରେ ରାସ୍ତା ଦୀର୍ଘସ୍ଥାୟୀ ହେବା ସହ ସୁଗମ୍ୟ ହୋଇଥାଏ ।

ସମୀକ୍ଷାରୁ ଦେଖାଗଲା ଯେ ପରୀକ୍ଷା ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକ ମଧ୍ୟରୁ କୌଣସି ଟି ୟୁଏଲବି ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁକୁ ରାସ୍ତା ନିର୍ମାଣ/ଶକ୍ତି/ବର୍ଜ୍ୟ ରୁ ତେଲ ଇତ୍ୟାଦି ଲାଗି ବ୍ୟବହାର କରୁନଥିଲେ । ଅଡିଟ୍ ରେ ଏହା ମଧ୍ୟ ଦେଖାଗଲା ଯେ ୟୁଏଲବି ମାନଙ୍କ ଦ୍ୱାରା ଜବତ ହୋଇଥିବା ପ୍ଲାଷ୍ଟିକ୍ ଏବଂ ପ୍ଲାଷ୍ଟିକ୍ ବର୍ଜ୍ୟ କୁ ରାସ୍ତା ନିର୍ମାଣରେ ବ୍ୟବହାର ଲାଗି କୌଣସି ନିର୍ମାଣକାରୀ ଙ୍କ ପାଖକୁ ପଠାଯାଇନଥିଲା ଯାହା ୟୁଏଲ୍‌ବି ମାନଙ୍କ ଦ୍ୱାରା ପଦକ୍ଷେପ ର ଅଭାବ କୁ ଦର୍ଶାଉଥିଲା ।

ସରକାର କହିଲେ (ମଇ 2022) ଯେ, ସମସ୍ତ ୟୁଏଲବି ରେ ପ୍ଲାଷ୍ଟିକ୍ ର ସହ-ପ୍ରକ୍ରିୟାକରଣ ସିମେଣ୍ଟ କାରଖାନାରେ ଅନୁସରଣ କରାଯାଉଛି । ଏହି ଉତ୍ତରଟି ଗ୍ରହଣୀୟ ନୁହେଁ ଯେହେତୁ , ପରିକ୍ଷା ଯାଞ୍ଚ ହୋଇଥିବା 21 ଟି ୟୁଏଲବି ମଧ୍ୟରୁ କେବଳ ଦୁଇଟି ୟୁଏଲବି ପ୍ଲାଷ୍ଟିକ୍ ବର୍ଜ୍ୟ ନିକଟସ୍ଥ ସିମେଣ୍ଟ କାରଖାନାକୁ ପଠାଇଥିଲେ । ଅଧିକନ୍ତୁ, ଏହି ଉତ୍ତରଟି ପ୍ଲାଷ୍ଟିକ୍ ବର୍ଜ୍ୟକୁ ରାସ୍ତା, ଶକ୍ତି ହାସଲ, ବର୍ଜ୍ୟରୁ ତେଲ ଇତ୍ୟାଦି ଲାଗି ବ୍ୟବହାର ବିଷୟରେ ନିରବ ଥିଲା ।

## 6.1.4 ଗୋରୁଙ୍କ ଦ୍ୱାରା ପ୍ଲାଷ୍ଟିକ୍ ଭକ୍ଷଣ

ଏମଏସଡବ୍ଲୁ ନିୟମ, 2000 ର କାର୍ଯ୍ୟସୂଚୀ II(vii) ଅନୁଯାୟୀ, ବର୍ଜ୍ୟବସ୍ତୁ ସଂରକ୍ଷଣ ସୁବିଧାକୁ ଏପରି ପରିଚାଳନା କରାଯିବା ଉଚିତ୍ ଯେ ବୁଲା ପଶୁମାନେ ସେ ଅଞ୍ଚଳରେ ପ୍ରବେଶ କରିପାରିବେ ନାହିଁ । ଘର ମାନଙ୍କରୁ ଉତ୍ପନ୍ନ ହେଉଥିବା ṁବର୍ଜ୍ୟବସ୍ତୁର ନିମ୍ନମାନର ପୃଥକିକରଣ ଯୋଗୁଁ ରୋଷେଇଘରର ଆବର୍ଜନା/ପ୍ଲାଷ୍ଟିକ୍ ବ୍ୟାଗ୍ ରେ ପ୍ୟାକିଂ ହୋଇଥିବା ବଳକା ଖାଦ୍ୟ ଲ୍ୟାଣ୍ଡଫିଲ୍ ଏବଂ ଡମ୍ପିଂୟାର୍ଡରେ ସଠିକ୍ ଭାବରେ ପକାଯାଉନଥିଲା । ଗୋରୁଗାଈ ପ୍ଲାଷ୍ଟିକ୍ ପ୍ୟାକିଂ ସହ ବଳକା ଖାଦ୍ୟ କୁ ଖାଉଥିଲେ । ଓଡିଶା ସରକାର ଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଏକ ଆଦେଶ ଜାରି କରିଥିଲେ (ସେପ୍ଟେମ୍ବର 2018) ଯେ ଯଦି ଗାଈଗୋରୁ ପ୍ଲାଷ୍ଟିକ୍ ଖାଆନ୍ତି ତେବେ ପାକସ୍ଥଳୀ ରେ ଅବରୋଧ ଯୋଗୁଁ ସେମାନଙ୍କର ମୃତ୍ୟୁ ହୋଇପାରେ ।



ଫଟୋଗ୍ରାଫ୍ 23: ବୁଲା ପଶୁ ଭୁଆଷୁଣି ଡମ୍ପିଂୟାର୍ଡରେ ପ୍ଲାଷ୍ଟିକ୍ ଆବର୍ଜନା ଖାଉଛନ୍ତି



ଫଟୋଗ୍ରାଫ୍ 24: ବୁଲାଗୋରୁଗାଇ ପୁରୀ ବଳିଆପଣ୍ଡା ଡମ୍ପିଂୟାର୍ଡରେ ପ୍ଲାଷ୍ଟିକ୍ ଆବର୍ଜନା ଖାଉଛନ୍ତି

ମିଳିତ ଯାଞ୍ଚ ବେଳେ ଅଡିଟ୍ ଲକ୍ଷ୍ୟ କଲା ଯେ ବୁଲା ଗୋରୁ ଗାଇ କଠିନ ବର୍ଜ୍ୟବସ୍ତୁ ଡମ୍ପିଂ ଅଞ୍ଚଳରେ ଖାଉଥିଲେ ଏବଂ ଏହାମଧ ଦେଖାଗଲା ଯେ ପ୍ଲାଷ୍ଟିକ୍ ଥଳୀ ରେ ଥିବା ଖାଦ୍ୟର ବର୍ଜ୍ୟବସ୍ତୁ କୁ ଖୋଲାଇ ପକାଇବା ସହ ପ୍ଲାଷ୍ଟିକ୍ ପ୍ୟାକେଟ କୁ ମଧ ଖାଉଥିଲେ ଯାହା ଅପରିଚ୍ଛନ୍ନ ଓ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଥିଲା । ଅଡିଟ୍ କରିଥିବା ପ୍ରଶ୍ନର ପ୍ରତିଜବାବରେ, ପୁରୀ ଜିଲ୍ଲା ମୁଖ୍ୟ ପଶୁପାଳନ ଅଧିକାରୀ କହିଲେ ଯେ 2015-21 ମଧ୍ୟରେ ବୁଲା ଗୋରୁଗାଇ ପ୍ଲାଷ୍ଟିକ୍ ଖାଇଥିବା 107 କେସ୍ ମଧ୍ୟରୁ 84 ଟି କେସ୍ ରେ ଅସ୍ତ୍ରୋପଚାର ସତ୍ତ୍ୱେ ପଶୁଗୁଡିକ ମୃତ୍ୟୁବରଣ କରିଥିଲେ ।

ସରକାର କହିଲେ (ମଇ 2022) ଯେ, ଡମ୍ପିଂୟାର୍ଡ ଗୁଡିକର ପୁନରୁଦ୍ଧାର ଲାଗି କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଏହି ଉତ୍ତରଟି ଗ୍ରହଣୀୟ ନୁହେଁ ଯେହେତୁ ବୁଲା ପଶୁ /ଗାଈଗୋରୁ ବର୍ତ୍ତମାନ ସୁଦ୍ଧା ପ୍ଲାଷ୍ଟିକ୍ ବ୍ୟାଗ ରେ ଥିବା ବର୍ଜ୍ୟ ଖାଦ୍ୟ ଖାଉଛନ୍ତି ।

### 6.1.5 ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଲାଗି ବ୍ୟବହାର ଶୁଳ୍କ ଆଦାୟ ନ ହେବା

ପିଡବ୍ଲୁଏମ୍ ନିୟମ 2016 ର ଧାରା 8(3) ଅନୁଯାୟୀ ସମସ୍ତ ବର୍ଜ୍ୟ ଉତ୍ପନ୍ନକାରୀ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ଯେପରି କି ଆବର୍ଜନା ସଂଗ୍ରହ କିମ୍ବା ସେଠି ଥିବା ସୁବିଧା ଇତ୍ୟାଦିର ବ୍ୟବହାର ନିମନ୍ତେ ୟୁଏଲବି ର ବାଇ-ଲ ଅନୁଯାୟୀ ନିର୍ଦ୍ଧାରିତ ବ୍ୟବହାରିକ ଶୁଳ୍କ କିମ୍ବା ଦେୟ ପ୍ରଦାନ କରିବେ ।

ଅଡିଟ୍ ଲକ୍ଷ୍ୟ କଲା ଯେ କୌଣସି ବି ୟୁଏଲବି ପିଡବ୍ଲୁଏମ ନିମନ୍ତେ ବାଇ-ଲ ପ୍ରସ୍ତୁତ କରିନାହାନ୍ତି କିମ୍ବା ବର୍ଜ୍ୟ ଉତ୍ପନ୍ନକାରୀଙ୍କ ଠାରୁ ବ୍ୟବହାର ଶୁଳ୍କ ଆଦାୟ କରିନାହାନ୍ତି । ପିଡବ୍ଲୁଏମ ନିୟମ ଗଠନ/ଲାଗୁ ନ ହେବା ଯୋଗୁଁ ୟୁଏଲବି ଗୁଡିକର ଅର୍ଥହାନି ହେଲା ।

ସରକାର କହିଲେ (ମଇ 2022) ଯେ, ଭାରତ ସରକାରଙ୍କ ଦ୍ୱାରା କରାଯାଇଥିବା ସଂଶୋଧନ (ଅଗଷ୍ଟ 2021) ଗୁଡିକୁ ସମ୍ମୋଧନ କରି ବାଇ-ଲ ପ୍ରସ୍ତୁତ ହୋଇ ଆଇନ ବିଭାଗ ଦ୍ୱାରା ତର୍ଜମା କରାଯାଇଛି, ଯାହା ଖୁବ୍ ଶିଘ୍ର ପ୍ରକାଶିତ ହେବ । ପରନ୍ତୁ, ତଥ୍ୟ ଏହା ଯେ , ନିୟମ ପ୍ରଣୟନ ହେବାର ପାଞ୍ଚ ବର୍ଷ ପରେ ମଧ ବିଭାଗ ପ୍ଲାଷ୍ଟିକ୍ ବାଇ-ଲ ପ୍ରକାଶ କରିବାରେ ବିଫଳ ହୋଇଥିଲା ।

## 6.2 ଇ-ବର୍ଜ୍ୟବସ୍ତୁ ପରିଚାଳନା

ଇ-ବର୍ଜ୍ୟ (ପରିଚାଳନା ଏବଂ ନିୟନ୍ତ୍ରଣ ) ନିୟମ 2011 ରେ ଅଧିସୂଚିତ ହୋଇଥିଲା ଏବଂ 1 ମଇ 2012 ରୁ କାର୍ଯ୍ୟକାରୀ ହୋଇଥିଲା । ଏହି ନିୟମ ଇ-ବର୍ଜ୍ୟ ପରିଚାଳନା ନିୟମ 2016 ଦ୍ୱାରା ବଦଳା ଯାଇଥିଲା ଯାହା 1ଅକ୍ଟୋବର 2016 ରୁ କାର୍ଯ୍ୟକାରୀ ହୋଇଥିଲା । ଏହି ନିୟମ ଇ-ବର୍ଜ୍ୟ ସହ ଜଡିତ ସମସ୍ତ ନିର୍ମାତା,କ୍ରେତା/ବଡ କ୍ରେତା,ସଂଗ୍ରହ କେନ୍ଦ୍ର, ଭାଙ୍ଗିବା ଏବଂ ପୁନଃପ୍ରକ୍ରିୟାକାରୀ ଯେଉଁମାନେ ନିର୍ମାଣ,ବିକ୍ରୀ ଏବଂ ବିଦ୍ୟୁତ୍ ଓ ବୈଦ୍ୟୁତିକ ଉପକରଣ କ୍ରୟ ଏବଂ ଏହାର ଉପଯୋଗ କିମ୍ବା ସିଡ୍ୟୁଲ୍- I ରେ ଦର୍ଶାଯାଇଥିବା ଏହାର ଉପାଦାନ ଏବଂ ଯେଉଁଥିରେ ସେମାନଙ୍କ ଉପାଦାନ, ଯନ୍ତ୍ରାଂଶ ଏବଂ ଉପଯୋଗୀ ସାମଗ୍ରୀ ଅର୍ନ୍ତଭୁକ୍ତ ଯାହା ଉତ୍ପାଦକୁ କାର୍ଯ୍ୟକ୍ଷମ କରିଥାଏ ସେ ସବୁ ପାଇଁ ପ୍ରଜୁଯ୍ୟ ।

### 6.2.1 ଇ-ବର୍ଜ୍ୟବସ୍ତୁ ପରିଚାଳନା ର ସ୍ଥିତି

ଏସପିସିବି ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଅନୁଯାୟୀ 2015-20 ମଧ୍ୟରେ ରାଜ୍ୟରେ ସଂଗୃହିତ 14,894 ମ୍ୟାଟ୍ରିକ୍ ଟନ୍ ଇ-ବର୍ଜ୍ୟ ପୁନଃପ୍ରକ୍ରିୟାକରଣ / ପ୍ରଣାଳିକୃତ ହୋଇନଥିଲା ।

ଅଡିଟ୍ ଲକ୍ଷ୍ୟ କଲା ଯେ ଇ-ବର୍ଜ୍ୟ ର ପୁନଃବ୍ୟବହାର ପାଇଁ ଲାଗି ଏସପିସିବି ବର୍ଜ୍ୟବସ୍ତୁ କୁ ଭାଙ୍ଗିବା ପାଇଁ ପାଞ୍ଚଟି, ଦୁଇଟି ସଂଗ୍ରହ କେନ୍ଦ୍ର, ଗୋଟିଏ ପ୍ରାଚୀର ଯୁକ୍ତ ସଂଗ୍ରହ କେନ୍ଦ୍ର, ଶୁନ ପୁନଃ ବ୍ୟବହାରକାରୀ/ ନବୀକରଣ ଲାଗି ସମ୍ମତି ପ୍ରଦାନ କରିଥିଲେ । ପୁନଃବ୍ୟବହାରକୀ/ନବୀକରଣକାରୀଙ୍କ ଅନୁପସ୍ଥିତିରେ ଇ-ବର୍ଜ୍ୟ ପ୍ରକ୍ରିୟାକରଣ ଲାଗି ଯାଇପାରିଲା ନାହିଁ ଏବଂ ପରିଶେଷରେ ଡମ୍ପିଂ ଜାଗାରେ ପକାଗଲା । ପ୍ରବେଶ ସମ୍ମିଳନୀ ରେ ଗୃହ ଓ ନଗର ଉନ୍ନୟନ ବିଭାଗର ଡିଏମଏ ନିଶ୍ଚିତ କଲେ (ଫେବୃଆରୀ 2021) ଯେ ୟୁଏଲବି ଗୁଡିକ ଇ-ବର୍ଜ୍ୟ ପରିଚାଳନା ନିୟମ ପ୍ରଣୟନ କରିନାହାନ୍ତି ।

ସରକାର କହିଲେ (ମଇ 2022) ଯେ, ୟୁଏଲବି ଗୁଡିକ ଦୁଇଟି ସ୍ଥିରିକୃତ ଦିନରେ ଇ-ବର୍ଜ୍ୟ ସଂଗ୍ରହ କରିବାକୁ ପ୍ରୟାସ କରିଛନ୍ତି । ପରନ୍ତୁ , ଇ-ବର୍ଜ୍ୟ ପରିଚାଳନା ନିୟମ ର ପ୍ରଣୟନ ଉତ୍ସାହହୀନ ହୋଇଯାଇଥିଲା ।

### 6.2.2 ୟୁଏଲବି ଦ୍ୱାରା ଇ-ବର୍ଜ୍ୟବସ୍ତୁ ର ଅବଧାରଣ

ଇଡବ୍ଲୁଏମ୍ ନିୟମ,2016 ର ଧାରା 15 ଦର୍ଶାଏ ଯେ ପ୍ରତ୍ୟେକ ଉତ୍ପାଦନକାରୀ,ନିର୍ମାତା,ବଡ କ୍ରେତା,ସଂଗ୍ରହ କେନ୍ଦ୍ର, ଡିଲର, ନବୀକରଣକାରୀ , ଭଗ୍ନକାରୀ ଏବଂ ପୁନଃବ୍ୟବହାରକାରୀ ଇ-ବର୍ଜ୍ୟକୁ 180 ଦିନ ରୁ ଅଧିକ ଧରି ରଖିପାରିବେନି ଏବଂ ସଂଗୃହୀତ, ବିକ୍ରୀ, ସ୍ଥାନାନ୍ତର ଏବଂ ମହଜୁଦ ଇ-ବର୍ଜ୍ୟର ରେକର୍ଡ ପ୍ରଚଳନ କରି ଏହାକୁ ନିରୀକ୍ଷଣ ପାଇଁ ଉପଲବ୍ଧ କରିବେ । ଅତ୍ୟଧିକ ପରିମାଣ ର ବର୍ଜ୍ୟବସ୍ତୁ ମହଜୁଦ୍ କରି ରଖିବା ଦ୍ୱାରା ଏହା ୟୁଏଲବିର ଅଞ୍ଚଳରେ ଅଧିକ ଜାଗା ଅକ୍ତିଆର କରି ଅଞ୍ଚଳ ରେ ଅସ୍ୱାସ୍ଥ୍ୟକର / ଅପରିଚ୍ଛନ୍ନ ସ୍ଥିତି ସୃଷ୍ଟି କରିବ । ତେଣୁ , ୟୁଏଲବି ମାନଙ୍କ ଦ୍ୱାରା ସମୟାନୁକ୍ରମେ ଇ- ବର୍ଜ୍ୟବସ୍ତୁ ର ନିଷ୍କାସନ କରିବା ଦରକାର ।

ଅଡିଟ୍ ନିରୀକ୍ଷଣ କଲା ଯେ ୟୁଏଲବି ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ପ୍ରଚୁର ପରିମାଣର ଇ-ବର୍ଜ୍ୟ ବସ୍ତୁ ଉତ୍ପନ୍ନ କରାଯାଇଥିଲା ଯଥା, ଟ୍ୟୁବ୍ ଲାଇଟ୍,ପୁରୁଣା ମନିଟର/ଡେସ୍କଟପ୍ କଂପ୍ୟୁଟର/ବ୍ୟାଟେରୀ ଗୁଡିକ ୟୁଏଲବି ଅଞ୍ଚଳରେ ଜମା କରାଯାଇଥିଲା ଯାହା ନିମ୍ନ ଫଟୋଗ୍ରାଫ୍ ରେ ଦିଆଯାଇଛି । ଏହା ଦର୍ଶାଉଥିଲା ଯେ ଏଗୁଡିକ ବହୁ ବର୍ଷ ହେଲା ୟୁଏଲବି ଦ୍ୱାରା ନିଷ୍କାସନ କରାଯାଇ ନାହିଁ । ୟୁଏଲବି ଦ୍ୱାରା ଉତ୍ପାଦିତ ଇ-ବର୍ଜ୍ୟବସ୍ତୁ କୁ 180 ଦିନ ରୁ ଅଧିକ ମହଜୁଦ୍ କରି ରଖିବା ଏହି ନିୟମଗୁଡିକର ବିରୁଦ୍ଧାଚରଣ କରୁଥିଲା ।



ଫଟୋଗ୍ରାଫ୍ 25: ଇ-ବର୍ଜ୍ୟ ଭଦ୍ରକ ମ୍ୟୁନିସିପାଲିଟି କ୍ୟାମ୍ପସ୍ ଷ୍ଟୋର୍ ରୁମ ରେ ମହଜୁଦ୍ ହୋଇଛି



ଫଟୋଗ୍ରାଫ୍ 26: ପୁରୀ ମ୍ୟୁନିସିପାଲିଟି କ୍ୟାମ୍ପସ୍ ଷ୍ଟୋର ରୁମ ରେ ମହଜୁଦ୍ ଇ-ବର୍ଜ୍ୟ ବସ୍ତୁ

### 6.2.3 ୟୁଏଲବି ଦ୍ୱାରା ଇ-ବର୍ଜ୍ୟବସ୍ତୁ ପରିଚାଳନା ନିୟମଗୁଡିକର ଅନୁପାଳନ ନହେବା

ଇଡବ୍ଲୁଏମ ନିୟମ, 2016 ର ସାରଣୀ IV(3) ଦର୍ଶାଏ ଯେ ଏହା ୟୁଏଲବି ମାନଙ୍କର ନିଶ୍ଚିତ କରିବା ଦାୟୀତ୍ୱ ଯେ ଇ- ବର୍ଜ୍ୟବସ୍ତୁ କଠିନ ବର୍ଜ୍ୟବସ୍ତୁ ସହ ମିଶ୍ରିତ ହେବା କିମ୍ବା ଅରଫାନ୍[35] ଉତ୍ପାଦ ଉତ୍ପାଦନ ହେବା ପୂର୍ବରୁ ସଠିକ୍ ଭାବେ ପୃଥକିକୃତ,ସଂଗୃହୀତ ଏବଂ ଅଧିକୃତ ଭଗ୍ନକାରୀ କିମ୍ବା ପୁନଃବ୍ୟବହାରକାରୀ ଙ୍କ ପାଖରେ ପହଞ୍ଚିବା ଦରକାର ।

ଅଡିଟ୍ ନିରୀକ୍ଷଣ କଲା ଯେ ମାର୍ଚ୍ଚ 2021 ସୁଦ୍ଧା ରାଜ୍ୟରେ ଇ-ବର୍ଜ୍ୟବସ୍ତୁର ପୁନଃ ପ୍ରକ୍ରିୟାକରଣ/ପ୍ରଣାଳୀକୃତ କରିବା ଲାଗି ଅଧିକୃତ ପୁନଃବ୍ୟବହାରକାରୀ ନ ଥିଲେ । ପରୀକ୍ଷା ଯାଞ୍ଚ ହୋଇଥିବା ୟୁଏଲବିଗୁଡିକରେ ଇ-ବର୍ଜ୍ୟବସ୍ତୁ କୁ ଅଲଗା ଭାବରେ ପରିବାର ମାନଙ୍କ ଦ୍ୱାରା ଦିଆଯାଉନଥିଲା ଏବଂ ଏହା କଠିନ ବର୍ଜ୍ୟବସ୍ତୁ ସହ ମିଶୁଥିଲା ।ଅଡିଟ୍ ଜାନୁଆରୀ 2021 ରେ ମନ୍ତବ୍ୟ ଦେଲା ପରେ ବିଏମସି ଘରମାନଙ୍କରୁ ଇ-ବର୍ଜ୍ୟ ସଂଗ୍ରହ କରିବାଲାଗି ପ୍ରଚାର ପାଇଁ

[35] ଅରଫାନ୍ ଉତ୍ପାଦ ହେଉଛି ଇଡବ୍ଲୁଏମ ନିୟମ ର ଅନୁସୂଚୀ – I ଦର୍ଶାଯାଇଥିବା ଅଣ-ବ୍ରାଣ୍ଡେଡ୍ କିମ୍ବା ବିଭିନ୍ନ ବିଦ୍ୟୁତ୍ ଏବଂ ବୈଦୁତିକ ଉପକରଣ ମିଶ୍ରଣରୁ ତିଆରି ଉପକରଣ କିମ୍ବା କୌଣସି କମ୍ପାନୀ ଦ୍ୱାରା ପ୍ରସ୍ତୁତ ଉତ୍ପାଦ ଯାହାର ଉତ୍ପାଦନ ବନ୍ଦ ହୋଇଛି କିମ୍ବା କମ୍ପାନୀ ଏହାର ଉତ୍ପାଦନ ପାଇଁ ସହଯୋଗ କରୁନାହିଁ

ପଦକ୍ଷେପ ନେଇଥିଲା(ଜୁଲାଇ 2021) । ଯାହାହେଉ, ଇ-ବର୍ଜ୍ୟବସ୍ତୁ ର ପ୍ରକ୍ରିୟାକରଣ କୁ ବଢାଇବା ପାଇଁ ଅଣ-ସରକାରୀ ସଂସ୍ଥା/ଏସଏଚଜି/ନୂତନ/ ବେସରକାରୀ ଉଦ୍ୟୋଗ ସହ ସହଭାଗିତା ପାଇଁ ପଦକ୍ଷେପ ନିଆଯାଇନଥିଲା ।

ସରକାର କହିଲେ (ମଇ 2022) ଯେ, ସମସ୍ତ ୟୁଏଲବି ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବର୍ଜ୍ୟ ସଂଗ୍ରହ କରି ପ୍ରାଧିକୃତ ପୁନଃ ପ୍ରକ୍ରିୟାକାରୀ/ ଡିସମେଣ୍ଟଲର୍ ମାନଙ୍କୁ ଦେବେ । ପରନ୍ତୁ , ତଥ୍ୟ ଏହା ଯେ , ମାର୍ଚ୍ଚ 2021 ସୁଦ୍ଧା ପରିକ୍ଷା ଯାଞ୍ଚ ହୋଇଥିବା କୌଣସି ଟି ୟୁଏଲବି ଘର ମାନଙ୍କରୁ ଇ-ବର୍ଜ୍ୟ ସଂଗ୍ରହ କରିନଥିଲେ, ଯାହା ଇ-ବର୍ଜ୍ୟ ପରିଚାଳନାର ପ୍ରତିଶୃତିବଦ୍ଧତାର ଅଭାବ କୁ ଦର୍ଶାଉଥିଲା ।


## 6.3 ମେଡିକାଲ ଜୈବ-ବର୍ଜ୍ୟବସ୍ତୁ ର ପରିଚାଳନା

ଜିଓଆଇ (ଜୁଲାଇ 1998) ରେ ନୋଟିସ ଜାରି କରିଥିଲେ ଯେ ମେଡିକାଲ ଜୈବ-ବର୍ଜ୍ୟବସ୍ତୁ (ପରିଚାଳନା ଏବଂ ସମ୍ଭାଳିବା ) ନିୟମ, 1998(ବିଏମଡବ୍ଲୁ ନିୟମ) ଯାହା ଦେଶରେ ଉତ୍ପାଦିତ ହେଉଥିବା ମେଡିକାଲ ବର୍ଜ୍ୟବସ୍ତୁ ର ପରିଚାଳନା ଲାଗି ଏକ ନିୟନ୍ତ୍ରକ ଢାଞ୍ଚା ପ୍ରଦାନ କରେ । ଏହି ନିୟମକୁ ଜିଓଆଇ ନୋଟିସ୍ (ମାର୍ଚ୍ଚ 2016) ଦ୍ୱାରା ବିଏମଡବ୍ଲୁ ନିୟମ 2016 ରେ ବଦଳାଯାଇଥିଲା ।

ଏସପିସିବି ହେଉଛି ଏହି ନିୟମର ବ୍ୟବସ୍ଥା ଗୁଡିକୁ ପ୍ରଚଳନ କରିବା ଲାଗି ନାମିତ ପ୍ରାଧିକାରୀ । ପରିମାଣ ନିର୍ବିଶେଷରେ ବିଏମଡବ୍ଲୁ କୁ ପରିଚାଳିତ କରୁଥିବା ପ୍ରତ୍ୟେକ ଏଇଚସିଇ କିମ୍ବା ପରିଚାଳକ ଏସ୍‌ପିସିଭି ଠାରୁ ପ୍ରାଧିକରଣ ହାସଲ କରିବା ଦରକାର ଏବଂ ପୃଥକିକୃତ ବର୍ଜ୍ୟ ଗୋଟିଏ ସାଧାରଣ ହସପିଟାଲ-ଜୈବ-ବର୍ଜ୍ୟ -ଉପଚାର ସୁବିଧା (ସିବିଏମଡବ୍ଲୁଟିଏଫ) କୁ ଉପଚାର, ପ୍ରକ୍ରିୟାକରଣ ଏବଂ ଶେଷରେ ନିଷ୍କାସନ ପାଇଁ ଦେବା ଦରକାର । ଗ୍ରାମୀଣ କିମ୍ବା ଅପହଞ୍ଚ ଅଞ୍ଚଳରେ ଯେଉଁଠି ସାଧାରଣ ହସପିଟାଲ-ଜୈବ-ବର୍ଜ୍ୟ -ଉପଚାର ପାଖକୁ ନେବାକୁ ସୁବିଧା ନାହିଁ ସେଠାରେ ଦର୍ଶାଯାଇଥିବା ନିୟମ ଅନୁଯାୟୀ ନିର୍ଦ୍ଧାରିତ ଅଧିକାରୀଙ୍କ ଅନୁମତି ନେଇ ଗଭୀର ଖାତ ରେ ବର୍ଜ୍ୟବସ୍ତୁ ପୋତାଯାଇପାରେ ।

### 6.3.1 ଓଡିଶାରେ ମେଡିକାଲ ଜୈବ-ବର୍ଜ୍ୟବସ୍ତୁ ର ସ୍ଥିତି

ରାଜ୍ୟରେ 2015-16 ରୁ 2019-20 ମଧ୍ୟରେ ଉତ୍ପନ୍ନ ଏବଂ ନିଷ୍କାସନ ହୋଇଥିବା ବିଏମଡବ୍ଲୁ ର ପରିମାଣ ଚାର୍ଟ - 2 ରେ ଦର୍ଶାଯାଇଛି




(ଉତ୍ସ : ଏସପିସିବି ଦ୍ୱାରା ପ୍ରଦତ୍ତ ସୂଚନା)

ଉପରୋକ୍ତ ଚାର୍ଟ ଦର୍ଶାଏ ଯେ ରାଜ୍ୟରେ 2015-16 ରୁ କାର୍ଯ୍ୟକରୁଥିବା ଏଇଚସିଇ ଗୁଡିକର ସଂଖ୍ୟା 2019-20 ମଧ୍ୟରେ 1,898 ରୁ 3,509 କୁ ବୃଦ୍ଧି ପାଇଥିଲା (85 ପ୍ରତିଶତ) ଏବଂ ଆବର୍ଜନା ଉତ୍ପାଦନ ଦୈନିକ 12,921 କି.ଗ୍ରା. ରୁ 17,993 କି.ଗ୍ରା. କୁ ବୃଦ୍ଧି ପାଇଥିଲା (39 ପ୍ରତିଶତ) । ଯଦିଓ ଏଇଚସିଇ ଏବଂ ବିଡବ୍ଲୁଏମ ଉତ୍ପାଦନ ବୃଦ୍ଧି ଘଟିଥିଲା, ନିଜସ୍ୱ କ୍ୟାପଟିଭ୍ ଟ୍ରିଟମେଣ୍ଟ ସୁବିଧାର ସୃଷ୍ଟି କିମ୍ବା ଗଭୀର ଖାତରେ ପୋତିବା ଏବଂ ସାଧାରଣ ହସପିଟାଲ-ଜୈବ-ବର୍ଜ୍ୟ -ଉପଚାର ସୁବିଧା ଯୋଗୁଁ ଅଣଉପଚାର ବିଏମଡବ୍ଲୁ ର ପରିମାଣ ନଅ ପ୍ରତିଶତ (2015-

16) ରୁ ଚାରି ପ୍ରତିଶତ (2019-20) କୁ ହ୍ରାସପାଇଥିଲା । ଏଇଚସିଇ ଦ୍ୱାରା ବିଏମଡବ୍ଲୁ ର ଉପଚାର ପାଇଁ ପଦକ୍ଷେପ ପ୍ରଶଂସାଯୋଗ୍ୟ ଥିଲା ।

## 6.3.2 ସ୍ୱାସ୍ଥ୍ୟ ସେବା ପ୍ରତିଷ୍ଠାନ ମାନଙ୍କ ପ୍ରାଧିକରଣର ସ୍ଥିତି

ଅଡିଟ୍ ନୀରିକ୍ଷଣ କଲା (ଡିସେମ୍ବର 2020) ଯେ ନଭେମ୍ବର 2020 ସୁଦ୍ଧା ଓଡିଶାରେ 3,603 ସ୍ୱାସ୍ଥ୍ୟ ଚିକିତ୍ସା ପ୍ରତିଷ୍ଠାନ (ଏଇଚସିଇ) କାର୍ଯ୍ୟ କରୁଛି, ଯେଉଁଥିରେ ଡାକ୍ତରଖାନା, ନର୍ସିଂହୋମ୍ ଏବଂ ପ୍ରାଣୀ ଚିକିତ୍ସା ପ୍ରତିଷ୍ଠାନ, ଡାଇଗ୍ନୋଷ୍ଟିକ୍ ଲାବୋରାଟୋରୀ, କ୍ଲିନିକାଲ୍ ଗବେଷଣା ଇତ୍ୟାଦି ଅର୍ନ୍ତଭୁକ୍ତ । ଶଯ୍ୟା ଏବଂ ଶଯ୍ୟାହୀନ ସରକାରୀ ଏଚସିଇ ଗୁଡିକ ଏବଂ ପ୍ରାଧିକୃତ ଅଣସରକାରୀ ଏଚସିଇ ଗୁଡିକର ବିସ୍ତୃତ ବିବରଣୀ ନିମ୍ନ ସାରଣୀ ରେ ଦିଆଯାଇଛି ।

**ସାରଣୀ - 6.2: ନଭେମ୍ବର 2020 ସୁଦ୍ଧା ରାଜ୍ୟ ସରକାରୀ ସ୍ୱାସ୍ଥ୍ୟ ସେବା ସୁବିଧା (ଏଚସିଇଏଫ) /ରାଜ୍ୟ ସରକାରଙ୍କ ଏଚସିଇଏଫ ବ୍ୟତିତ ଅନ୍ୟାନ୍ୟ ପ୍ରାଧିକରଣ ସ୍ଥିତି ।**

| ସରକାରୀ ଏଇଚସିଇ ର ବର୍ଗ | ସମୁଦାୟ ଏଇଚସିଇ ରେ ପ୍ରଶାସନ ପ୍ରାଧିକରଣ | ପ୍ରାଧିକରଣ ଥିବା ଏଇଚସିଏଫ୍ ଗୁଡିକ (ପ୍ରତିଶତ ରେ ) | ଏଇଚସିଏଫ୍ ଯାହାର ଆବେଦନ ପ୍ରକ୍ରିୟା ଚାଲିଛି | ପ୍ରାଧିକରଣ ନବୀକରଣ ପାଇଁ ଆବେଦନ କରିନଥିବା ଏଇଚସିଏଫ୍ |
|---|---|---|---|---|
| ଶଯ୍ୟା ବିଶିଷ୍ଟ | 545 | 440 (80.73) | 87 | 18 |
| ଶଯ୍ୟାହୀନ | 1,239 | 1,233 (99.52) | 06 | 0 |
| ମୋଟ(କ) | **1,784** | **1,673 (93.78)** | **93** | **18** |
| ରାଜ୍ୟ ସରକାର ବ୍ୟତୀତ ଏଇଚସିଏଫ୍ ର ପ୍ରାଧିକରଣ ସ୍ଥିତି | | | | |
| ଶଯ୍ୟା ବିଶିଷ୍ଟ | 861 | 677 (78.63) | 110 (4 ଟି ପ୍ରତ୍ୟାଖିତ) | 74 |
| ଶଯ୍ୟାହୀନ | 958 | 886 (92.48) | 42 | 30 |
| ମୋଟ(ଖ) | **1,819** | **1,563 (85.93)** | **152** | **104** |
| ମୋଟ( କ+ଖ) | **3,603** | **3,236 (89.81)** | **245** | **122** |

*(ଉତ୍ସ : ବାର୍ଷିକ ରିପୋର୍ଟ ଏବଂ ସମୀକ୍ଷା ବୈଠକରେ ଏସପିସିବି ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଅନୁଯାୟୀ )*

ଡିସେମ୍ବର 2020 ସୁଦ୍ଧା,ତିନି ପ୍ରତିଶତ ଏଚସିଇ ଗୁଡିକ(122) ଏସପିସିବି ର ବୈଧ ଅନୁମତି ବିନା କାମ କରୁଥିଲେ । ବୈଧ ଅନୁମତି ବିନା କାର୍ଯ୍ୟ କରିବା ପାଇଁ ଏଚସିଇ ଗୁଡିକ ବିରୁଦ୍ଧରେ ଏସପିସିବି ଦ୍ୱାରା ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ଅଡିଟ୍ ହୋଇଥିବା 21 ଟି ସରକାରୀ ଡାକ୍ତରଖାନା (13[36] ଡିଏଚଏଚ, ଚାରୋଟି[37] ସିଏଚସି, ଦୁଇଟି ଏସଡିଏଚ ଏବଂ ଦୁଇଟି[38] ମେଡିକାଲ କଲେଜ) ଯାହା ପରିକ୍ଷା ଯାଞ୍ଚ ହୋଇଥିବା 21 ୟୁଏଲବିର ପରିସର ମଧରେ ଅବସ୍ଥିତ ତାର ରେକର୍ଡ ପରୀକ୍ଷାଯାଞ୍ଚ କରିଛି । ଯାଞ୍ଚ ହୋଇଥିବା 21 ଟି ଏଚସିଇ ମଧରୁ, ଅଡିଟ୍ 10 ଏଚସିଇ ରେ ପ୍ରାଧିକରଣର ଅଭାବ ପାଇଲା ଯାହା ନିମ୍ନରେ ଦିଆଯାଇଛି ।

**ସାରଣୀ - 6.3 : ଯାଞ୍ଚ ହୋଇଥିବା ସରକାରୀ ଏଚସିସି ଗୁଡିକର ପ୍ରାଧିକରଣ ସ୍ଥିତି**

| ଏଚସିଇ ର ନାମ | ପ୍ରାଧିକୃତ ପ୍ରାପ୍ତ କାର୍ଯ୍ୟକ୍ଷମ ଶଯ୍ୟା (ସଂଖ୍ୟାରେ) | ପ୍ରାଧିକରଣ ବୈଧତା | ଏଚସିଇରେ ବିନା ଅନୁମତି ରେ କାର୍ଯ୍ୟକ୍ଷମ ଶଯ୍ୟା ସଂଖ୍ୟା |
|---|---|---|---|
| ବରଗଡ | 91 | 31.03.2024 | 230 |
| ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସପିଟାଲ, ବାରିପଦା | 350 | 31.03.2021 | ନବୀକରଣ ହୋଇନାହିଁ |
| ଆରଜିଏ. ରାଉରକେଲା | 276 | 31.03.2023 | 400 |
| ଡିଏଚଏଚ, ପୁରୀ | 270 | 31.03.2023 | 450 |
| ଭିମଭୋଇ ମେଡିକାଲ କଲେଜ ଏବଂ ହସପିଟାଲ, ବଲାଙ୍ଗୀର | 440 | 31.03.2023 | 550 |

[36] ଡିଏଚଏଚ ପୁରୀ,ଜୟପୁର,ସୁନ୍ଦରଗଡ,ନୁଆପଡା,ସମ୍ବଲପୁର,ଗଞ୍ଜାମ(ବ୍ରହ୍ମପୁର),ଝାରସୁଗୁଡା,ବରଗଡ,ଭଦ୍ରକ,କଟକ,ରାୟଗଡା,ରାଉରକେଲା ସରକାରୀ ହସପିଟାଲ, କ୍ୟାପିଟାଲ ହସପିଟାଲ ଭୁବନେଶ୍ୱର

[37] ସିଏଚସି ଚାନ୍ଦବାଲି,ରଣପୁର,ହିଞ୍ଜିଳିକଟ୍ ଏବଂ କପିଳେଶ୍ୱର ୟୁପିଏଇଚସି,ଚୌଦାର,ଏସଡିଏଇଚ୍, ଗୁଣୁପୁର ଏବଂ ଛତ୍ରପୁର

[38] ମେଡିକାଲ କଲେଜ ଭିମଭୋଇ ମେଡିକାଲ କଲେଜ ଏବଂ ହସପିଟାଲ, ବଲାଙ୍ଗିର,ଏବଂ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସପିଟାଲ, ବାରିପଦା

| ଏଚସିଇ ର ନାମ | ପ୍ରାଧିକୃତ ପ୍ରାପ୍ତ କାର୍ଯ୍ୟକ୍ଷମ ଶଯ୍ୟା (ସଂଖ୍ୟାରେ) | ପ୍ରାଧିକରଣ ବୈଧତା | ଏଚସିଇରେ ବିନା ଅନୁମତି ରେ କାର୍ଯ୍ୟକ୍ଷମ ଶଯ୍ୟା ସଂଖ୍ୟା |
|---|---|---|---|
| ଡିଏଚଏଚ ଭଦ୍ରକ | 223 | 31.03.2023 | 317 |
| କ୍ୟାପିଟାଲ ହସପିଟାଲ ଭୁବନେଶ୍ୱର | 563 | 31.03.2021 | 700 |
| ଡିଏଚ ଏଚ ରାୟଗଡା | 176 | 31.03.2023 | 234 |
| ଏସଡିଏଚ ହିଞ୍ଜିଳୀକଟ୍ | 16 | 31.03.2024 | 30 |
| ଡିଏଚଏଚ ଝାରସୁଗୁଡା | 300 | 31.03.2021 | ନବୀକରଣ ହୋଇନାହିଁ |

(ଉତ୍ସ : ଯାଞ୍ଚ ହୋଇଥିବା ଏଇଚସିଇ ଗୁଡିକ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା )

ଅଡିଟ୍ ମନ୍ତବ୍ୟ ଗ୍ରହଣ କରି, ଏସପିସିବି ସଦସ୍ୟ ସଚିବ, କହିଛନ୍ତି (ଫେବୃଆରୀ 2021) ଯେ ବିନା ଅନୁମତିରେ କାର୍ଯ୍ୟ କରିବା ପାଇଁ ଏଚସିଇ ଗୁଡିକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ସିଡିଏମଓ,ଡିଏଚଏଚ, ପୁରୀ ଏବଂ ଡିଏମଓ-ଏବଂ ଅଧୀକ୍ଷକ, ଡିଏଚଏଚ ଭଦ୍ରକ କହିଛନ୍ତି ଯେ ସେମାନେ ଏସପିସିବିରେ ପ୍ରାଧିକରଣ ପାଇଁ ଆବେଦନ କରିଛନ୍ତି ଯାହା ଏପର୍ଯ୍ୟନ୍ତ ଗ୍ରହଣ ହୋଇନାହିଁ । ଏଚସିଇ ଗୁଡିକ ବିନା ଅନୁମତିରେ ଅତିରିକ୍ତ ଶଯ୍ୟା ସହିତ କାର୍ଯ୍ୟ କରୁଥିବାରୁ ଏବଂ ଅଧିକ ବିଏମଡବ୍ଲୁ ଉତ୍ପାଦନ କରୁଥିବାରୁ ସିଡିଏମଓ ଏବଂ ଏସପିସିବି ର ଉତ୍ତରଗୁଡିକ ଗ୍ରହଣୀୟ ନୁହେଁ ।

## 6.3.3 କଠିନ ବର୍ଜ୍ୟବସ୍ତୁ ସହିତ ବିଏମଡବ୍ଲୁର ମିଶ୍ରଣ

ଏମଏସଡବ୍ଲୁ ନିୟମ 2000 ର କାର୍ଯ୍ୟସୂଚୀ -2 ଏବଂ ବିଏମଡବ୍ଲୁ ନିୟମ 2016 ର ଧାରା 4 (ଘ) (ଙ) ଏବଂ (ଚ) ପ୍ରଦାନ କରେ ଯେ ବିଏମଡବ୍ଲୁ କଠିନ ବର୍ଜ୍ୟବସ୍ତୁ ସହ ମିଶ୍ରିତ ହେବ ନାହିଁ ଏବଂ ଏହିପରି ବର୍ଜ୍ୟବସ୍ତୁର ବିସର୍ଜନ ପାଇଁ ପୃଥକ ଭାବରେ ନିର୍ଦ୍ଦିଷ୍ଟ ନିୟମ ଅନୁସରଣ କରାଯିବ । ବିଏମଡବ୍ଲୁ ନିୟମ 2016 ର ପାରାଗ୍ରାଫ୍ 8 (7) ଅନୁଯାୟୀ , ଚିକିତ୍ସା ହୋଇନଥିବା ବିଏମଡବ୍ଲୁ ଅଠଚାଳିଶ ଘଣ୍ଟା ପରେ ଗଚ୍ଛିତ ରହିବ ନାହିଁ ।



ଫଟୋଗ୍ରାଫ୍ 27: ଜୟପୁର ର ପୁରୁଣା ଡମ୍ପିଂୟାର୍ଡ ଠାରେ

(i) ଚାରୋଟି[39] ଏଚସିଇ ର ମିଳିତ ଯାଞ୍ଚ ସମୟରେ ଏହା ଦେଖାଗଲା ଯେ ବିଏମଡବ୍ଲୁ କଠିନ ବର୍ଜ୍ୟବସ୍ତୁ ସହିତ ମିଶ୍ରିତ ହୋଇ ଖୋଲା ସ୍ଥାନରେ ରଖାଯାଇଥିଲା ଏବଂ ଶେଷରେ ଲ୍ୟାଣ୍ଡଫିଲରେ ପକାଗଲା । ଡିଏଚଏଚ ଜୟପୁର ରେ ଏହା ମଧ ଲକ୍ଷ୍ୟ କରାଯାଇଥିଲା , ବିଏମଡବ୍ଲୁ କୁ କଠିନ ବର୍ଜ୍ୟ ସହ ବିଭିନ୍ନ ରଙ୍ଗର ପାତ୍ରରେ[40] ନିଷ୍କାସନ ପାଇଁ ରଖାଯାଇଥିଲା । ଭୀମଭୋଇ ମେଡିକାଲ କଲେଜ ଏବଂ ହସପିଟାଲ, ବଲାଙ୍ଗୀର ର ମିଳିତ ଯାଞ୍ଚ ବେଳେ ଏହା ଦେଖାଗଲା ଯେ ନିୟମ ଅନୁଯାୟୀ ଷ୍ଟୋରେଜ୍ ଅଞ୍ଚଳ ରୁ ନିର୍ଦ୍ଦିଷ୍ଟ ସମୟ ମଧରେ ବର୍ଜ୍ୟବସ୍ତୁ ନିଷ୍କାସନ ହୋଇନଥିଲା । ପରୀକ୍ଷା ଯାଞ୍ଚ ହୋଇଥିବା 21 ଏଚସିଇ[41] ମଧରୁ ପାଞ୍ଚଟି ଟି ରେ ବିଏମଡବ୍ଲୁ ତିନି ରୁ ଦଶ ଦିନ ମଧରେ ଉଠାଯାଇଥିଲା । କ୍ୟାମ୍ପସ୍ ଭିତରେ ଜମା ଡମ୍ପିଂ ଅଞ୍ଚଳ ରେ ହୋଇଥିବା ବର୍ଜ୍ୟବସ୍ତୁ ଏବଂ ସେଥିରୁ ନିର୍ଗତ ବର୍ଜ୍ୟ ଦୁର୍ଗନ୍ଧ ଉତ୍ପନ୍ନ କରିବା ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଥିଲା । ଏହା କେବଳ ବିଏମଡବ୍ଲୁ ନିୟମ କୁ ଉଲଂଘନ କରୁନଥିଲା ତାହାଛଡା ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁଁ ସଂକ୍ରମଣ ଏବଂ ଜନସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରୁଥିଲା ।

[39] ଏଚ ସି ଇ ବରଗଡ,ଜୟପୁର,ସିଏଚସି.ଚାନ୍ଦବାଲି,ଏନଂ ଭିମଭୋଇ ମେଡିକାଲ କଲେଜ ଓ ହସପିଟାଲ,ବଲାଙ୍ଗିର

[40] ହଳଦିଆ ରଙ୍ଗ କଣ୍ଟେନର ମନୁଷ୍ୟ ଶରୀର ଜାତ ବର୍ଜ୍ୟ,ନାଲି ରଙ୍ଗ କଣ୍ଟେନର ସଂକ୍ରମିତ ବର୍ଜ୍ୟ, ଧଳା କଣ୍ଟେନର ଧାତବ ଏବଂ ଧାରୁଆ ବର୍ଜ୍ୟ, ନିଳ କଣ୍ଟେନର କାଚ ବର୍ଜ୍ୟ ଏବଂ କଳା କଣ୍ଟେନର କଠିନ ବର୍ଜ୍ୟବସ୍ତୁ ଲାଗି

[41] ବିଏମଡବ୍ଲୁଏମ ଉଠାଇବାର ବାରମ୍ବାରତା ଆରଜିଏଚ,ଡିଏଚଏଚ(ଦୁଇ ରୁ ପାଞ୍ଚ ଦିନ) କଟକ(ତିନି ରୁ ଚାରି ଦିନ),ଏସଡିଏଚ ଗୁଣପୁର(ସପ୍ତାହକ ଦୁଇ ଦିନ) ,ବଲାଙ୍ଗିର ମେଡିକାଲ କଲେଜ(ସାତଦିନ), ଏବଂ ଏସଡିଏଚ ଚାନ୍ଦବାଲି(ଦଶ ଦିନ)



ଫଟୋଗ୍ରାଫ୍ 28 : ବିବିଏମସି ଏବଂ ଏଇଚ,ବଲାଙ୍ଗୀର କ୍ୟାମ୍ପସ୍ ମଧ୍ୟରେ ମିଶ୍ରିତ ବର୍ଜ୍ୟବସ୍ତୁ



ଫଟୋଗ୍ରାଫ୍ 29 : ଏସଡିଏଇଚ ଗୁଣପୁର କ୍ୟାମ୍ପସ୍ ମଧ୍ୟରେ ମିଶ୍ରିତ ବିଏମଡବ୍ଲୁ

ଡିସି, ସାନିଟେସନ, ସିଏମସି ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ସମ୍ବଲପୁର ଅଡିଟ୍ ମନ୍ତବ୍ୟ ଗୁଡିକୁ ଲିପିବଦ୍ଧ କରିଛନ୍ତି (ଜାନୁଆରୀ/ଏପ୍ରିଲ 2021) । ସୁପରିନଟେନଡେଣ୍ଟ, ଏସଡିଏଚ ଗୁଣପୁର କହିଲେ ଯେ ପୂର୍ବରୁ ଏକ ସୁରକ୍ଷା ପ୍ରାଚୀର ଥିଲା ଯାହା ଯେସିବି ମେସିନ ଦ୍ୱାରା କଠିନ ବର୍ଜ୍ୟବସ୍ତୁ ଜମାକଲା ବେଳେ ଭାଙ୍ଗି ଯାଇଛି । ଜୟପୁର ଠାରେ ଡିଏମଓ(ଏମଏସ)-କମ୍-ସୁପରିନଟେନଡେଣ୍ଟ, ଡିଏଚଏଚ କୋରାପୁଟ କହିଲେ ଯେ ଆଉଟସୋର୍ସିଂ ସଂସ୍ଥା କୁ କଠିନ ବର୍ଜ୍ୟବସ୍ତୁ ନିମନ୍ତେ କଳା କଣ୍ଟେନର ବ୍ୟତିତ ଅନ୍ୟ ରଙ୍ଗର କଣ୍ଟେନର ବ୍ୟବହାର ନକରିବା ଲାଗି ନୋଟିସ କରାଯାଇଛି । ଏହି ଉତ୍ତର ଗ୍ରହଣୀୟ ନଥିଲା ଯେହେତୁ ଖାଲି ସାଲାଇନ ବୋତଲ, ମେଡିସିନ ଷ୍ଟ୍ରିପ୍ ଭଳି ବିଏମଡବ୍ଲୁ ଡମ୍ପିଂ ୟାର୍ଡରେ କଠିନ ବର୍ଜ୍ୟ ସହ ମିଶି ଲ୍ୟାଣ୍ଡଫିଲ କୁ ପରିବହନ ପାଇଁ ରଖାଯାଉଥିଲା ।

(ii) ଏଗାରଟି[42] ଏଚସିଇ ଗୁଡିକରେ ମିଳିତ ଯାଞ୍ଚ ବେଳେ ଦେଖାଗଲା ଯେ କଣ୍ଟେନର ଗୁଡିକ ବିଭିନ୍ନ ୱାର୍ଡ ରେ ଅବୈଜ୍ଞାନିକ ରୁପେ ଏବଂ ଖୋଲା ରେ ରଖାଯାଇଥିଲା । ବିଏମଡବ୍ଲୁ କୁ ଖୋଲାରେ ରଖିବା ବିଏମଡବ୍ଲୁ ନିୟମ 2016 କୁ ଉଲଙ୍ଘନ କରେ ଏବଂ ଏହାଦ୍ୱାରା ଅନ୍ୟମାନଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଉପୁଜିପାରେ । ଏହା ପୁଣି ଦେଖାଗଲା ଯେ ବିଭିନ୍ନ ୱାର୍ଡ ରୁ ସଂଗୃହିତ ହୋଇଥିବା ବିଏମଡବ୍ଲୁ ବ୍ୟାଗ୍ କିମ୍ବା କଣ୍ଟେନର ରେ ନ ପୁରାଇ ହସପିଟାଲ ର ଖୋଲା ଛାତ ଉପରେ ରଖାଯାଇଥିଲା (ସିଏଚସି ଚାନ୍ଦବାଲି) । ହସପିଟାଲର ଆଖପାଖ (ସିଏଚସି ଚାନ୍ଦବାଲି) ମାସମାସ ଧରି ସଫା ହେଉନଥିଲା ଏବଂ ମେଡିସିନ କଭର ଓ ଅନ୍ୟ ହସପିଟାଲ ବର୍ଜ୍ୟବସ୍ତୁ ଡ୍ରେନ୍ ଭିତରକୁ ପକାଯାଉଥିଲା ଯଦ୍ୱାରା ଡ୍ରେନ ଚୋକିଂ, ଦୁର୍ଗନ୍ଧ ବାହାରି ପରିବେଶ ପ୍ରଦୂଷଣ କରୁଥିଲା । ଏସଡିଏଚ ,ହିଞ୍ଜିଳିକଟ୍ ରେ ମିଳିତ ଯାଞ୍ଚରୁ ଏହା ଅବଶ୍ୟ ପୁଣି ଦେଖାଗଲା ଯେ ଦୈନିକ ସଂଗୃହିତ ହେଉଥିବା ମେଡିକାଲ ବର୍ଜ୍ୟବସ୍ତୁ ହସପିଟାଲ୍ ପଛ ପାଖରେ ରଖାଯାଉଥିଲା ।



ଫଟୋଗ୍ରାଫ 30: ବିଏମଡବ୍ଲୁ ଡିଏଚଏଚ ସମ୍ବଲପୁର ରେ ଖୋଲାରେ ରଖାଯାଇଛି



ଫଟୋଗ୍ରାଫ 31: ଚାନ୍ଦବାଲି ସିଏଚସି ର ଛାତରେ ବିଡବ୍ଲୁଏମ ଖୋଲାରେ ରଖାଯାଇଛି

42 ଡିଏଇଚଏଇଚ ନୁଆପଡା,ସମ୍ବଲପୁ.ପୁରୀ,କଟକ,ଭଦ୍ରକ,ଗଞ୍ଜାମ(ବ୍ରହ୍ମପୁର),ଏସଡିଏଇଚ ଗୁଣପୁର,ହିଞ୍ଜିଳିକଟ୍, ଚାନ୍ଦବାଲବି ଏବଂ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସପିଟାଲ,ବାରିପଦା

ସୁପରିନଟେନଡେଣ୍ଟ ଏସଡିଏଚ, ଗୁଣପୁର କହିଲେ ଯେ ଖୋଲା କଣ୍ଟେନରକୁ ସଙ୍ଗେସଙ୍ଗେ ବାହାର କରି ବନ୍ଦ କଣ୍ଟେନର ରଖାଯାଇଅଛି । ଡିଏମଓ,ଡିଏଚଏଚ ଭଦ୍ରକ କହିଲେ ଯେ ବିଡବ୍ଲୁଏମ ନିୟମ ପାଳନ ଲାଗି ପଦକ୍ଷେପ ନିଆଯିବ । ସିଡିଏମଓ,ଡିଏଚଏଚ ପୁରୀ କହିଲେ ଯେ ହସପିଟାଲ ବର୍ଜ୍ୟବସ୍ତୁ ଗୁଡିକୁ ପୃଥକିକରଣ ଲାଗି ଯତ୍ନ ନିଆଯାଇଛି ଏବଂ ୱାର୍ଡରେ ଅତ୍ୟଧିକ କାମ ଓ ନର୍ସିଂ ଏବଂ ଅନ୍ୟାନ୍ୟ ସହଯୋଗି ଷ୍ଟାଫ୍‌ଙ୍କ ଅଭାବ ଲାଗି ଶତ ପ୍ରତିଶତ ପୃଥକିକରଣ ସଂଭବ ନୁହେଁ । ଉତ୍ତର ଗ୍ରହଣୀୟ ନଥିଲା ଯେହେତୁ ଏହା ହସପିଟାଲ ଅଧିକାରୀଙ୍କ ନୀରିକ୍ଷଣ ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ସଚେତନତାର ଅଭାବକୁ ଦର୍ଶାଉଥିଲା ।

## 6.3.4 ରାଜ୍ୟରେ ଅପର୍ଯ୍ୟାପ୍ତ ସାଧାରଣ ବିଏମଡବ୍ଲୁ ଉପଚାର ସୁବିଧା

ବିଏମଡବ୍ଲୁ ନିୟମ 2016 ର ଧାରା 7(i) ଦର୍ଶାଏ ଯେ ବିଏମଡବ୍ଲୁ ଅନୁସୂଚୀ I ଅନୁଯାୟୀ ଓ ଏବଂ ଅନୁସୂଚୀ II ମାନଦଣ୍ଡ ଅନୁସାରେ ଉପଚାର ଏବଂ ନିଷ୍କାସିତ ହେବା ଦରକାର । ଅନୁସୂଚୀ I ଅନୁସାରେ ଏଚସିଇ ପୃଥକିକୃତ ବର୍ଜ୍ୟବସ୍ତୁ ଗୁଡିକୁ ହସପିଟାଲ-ଜୈବ-ବର୍ଜ୍ୟ -ଉପଚାର-ସୁବିଧା ନିକଟକୁ ଉପଚାର,ପ୍ରକ୍ରିୟାକରଣ ଏବଂ ଅନ୍ତିମ ନିଷ୍କାସନ ଲାଗି ପଠାଇବା ଦରକାର । ଏହା ଆହୁରି ମଧ ଦର୍ଶାଯାଇଛି ଯେ ଏଇଚସିଇ ଗୁଡିକ ଧିରେ ଧିରେ କ୍ୟାପଟିଭ୍ ସୁବିଧା ଗୁଡିକୁ ବନ୍ଦ କରି ହସପିଟାଲ-ଜୈବ-ବର୍ଜ୍ୟ -ଉପଚାର-ସୁବିଧା ର ମେମ୍ବର ହେବା ଦରକାର ।

ଅଡିଟ୍ ନୀରିକ୍ଷଣ କଲା ଯେ ମାର୍ଚ୍ଚ 2020 ସୁଦ୍ଧା ରାଜ୍ୟରେ କେବଳ ପାଞ୍ଚଟି[43] ହସପିଟାଲ-ଜୈବ-ବର୍ଜ୍ୟ -ଉପଚାର-ସୁବିଧା ସ୍ଥାପନ ହୋଇଅଛି । ରାଜ୍ୟରେ ଥିବା ସମସ୍ତ 3,509 ଏଚସିଇ ଗୁଡିକ ମଧ୍ୟରୁ 694 ଏଚସିଇ ହସପିଟାଲ-ଜୈବ-ବର୍ଜ୍ୟ -ଉପଚାର-ସୁବିଧା ର ସେବା ପାଉଛନ୍ତି, 2,705 ଏଚସିଇ ରେ ସେମାନଙ୍କ ନିଜସ୍ୱ କ୍ୟାପଟିଭ୍ ଉପଚାର ଏବଂ ନିଷ୍କାସନ ସୁବିଧା ଅଛି ଏବଂ ବଳକା 110 ଏଚସିଇ ଗଭୀର ଖାତ ଉପଚାର ନିମନ୍ତେ ବ୍ୟବହାର କରୁଛନ୍ତି । ସମସ୍ତ ଏଚସିଇ ଗୁଡିକୁ ହସପିଟାଲ-ଜୈବ-ବର୍ଜ୍ୟ -ଉପଚାର-ସୁବିଧା ମଧରେ ଅନ୍ତର୍ଭୁକ୍ତ କରିବା ଲାଗି କୌଣସି ପଦକ୍ଷେପ ଏପର୍ଯ୍ୟନ୍ତ ନିଆଯାଇନାହିଁ ଯଦ୍ୱାରା କ୍ୟାପଟିଭ୍/ଗଭୀର ଖାତ ବ୍ୟବହାର କମିଯାଆନ୍ତା ।

ଏସପିସିବି ମେମ୍ବର ସଚିବ କହିଲେ(ଫେବୃଆରୀ 2021)ଯେ ବୋର୍ଡ ଦ୍ୱାରା ନିରନ୍ତର ପ୍ରବର୍ତ୍ତାଇବା ପରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ରାଜ୍ୟ ସାରା ପର୍ଯ୍ୟାପ୍ତ ସଂଖ୍ୟାରେ ନୂତନ ହସପିଟାଲ-ଜୈବ-ବର୍ଜ୍ୟ -ଉପଚାର-ସୁବିଧା ସ୍ଥାପନ କରିବା ଲାଗି ପଦକ୍ଷେପ ନେଇଥିଲେ ଯଦ୍ୱାରା ସମସ୍ତ ଏଚସିଇ ଗୁଡିକ ହସପିଟାଲ-ଜୈବ-ବର୍ଜ୍ୟ -ଉପଚାର-ସୁବିଧା ହାସଲ କରି କ୍ୟାପଟିଭ୍ ସୁବିଧାକୁ କମ୍ ବ୍ୟବହାର କରିବେ । ବିଏମଡବ୍ଲୁ ନିୟମ ପ୍ରଣୟନ ହେବାର ପାଞ୍ଚ ବର୍ଷ ପରେ ମଧ ଯଥେଷ୍ଟ ହସପିଟାଲ-ଜୈବ-ବର୍ଜ୍ୟ -ଉପଚାର-ସୁବିଧା ସ୍ଥାପନ କରିବାରେ ବିଭାଗର ଢିଲାପଣକୁ ଏହା ଦର୍ଶାଉଥିଲା ।

### 6.3.4.1 ଶ୍ରେଡରର୍ ଏବଂ ଅଟୋକ୍ଲେଭ୍ ମେସିନ ବିନା ବିଏମଡବ୍ଲୁ ର ଉତ୍ପନ୍ନସ୍ଥଳ ଉପଚାର

ଡିଏଚଏଚ ଭଦ୍ରକ ଠାରେ ମିଳିତ ଯାଞ୍ଚ ବେଳେ ଅଡିଟ୍ ନୀରିକ୍ଷଣ କଲା ଯେ ବର୍ଜ୍ୟ ଶ୍ରେଡରର୍ ଏବଂ ଅଟୋକ୍ଲେଭ୍ ମେସିନ ଜୁନ୍ 2016 ଠାରୁ କାର୍ଯ୍ୟ କରୁନଥିଲା । ଗୋଟିଏ ନୂତନ ବର୍ଜ୍ୟ ଅଟୋକ୍ଲେଭ୍ ମେସିନ ଯାହା ଅଗଷ୍ଟ 2020 ଗ୍ରହଣ ହୋଇଥିଲା ତାହା ବିନା ଶ୍ରେଡରର୍ ରେ ସେପ୍ଟେମ୍ବର 2020 ରେ ସ୍ଥାପନ ହୋଇଥିଲା । ତେଣୁ ବିଏମଡବ୍ଲୁର ଉତ୍ପନ୍ନସ୍ଥଳ ଉପଚାର ହୋଇ ପାରିନଥିଲା ।



ଫଟୋଗ୍ରାଫ୍ 32: କାର୍ଯ୍ୟ କରୁନଥିବା ଅଟୋକ୍ଲେଭ୍ ମେସିନ ଡିଏଚଏଚ ଭଦ୍ରକ ଠାରେ

ଅଡିଟ୍ ମନ୍ତବ୍ୟ ଗୁଡିକୁ ଗ୍ରହଣ କରି ଡିଏମଓ, ଡିଏଚଏଚ ଭଦ୍ରକ କହିଲେ ଯେ ଶ୍ରେଡରର୍ ମେସିନ ମିଳିସାରିଛି ଏବଂ ଖୁବ୍ ଶୀଘ୍ର ଏହାର ସ୍ଥାପନ ହେବ । ଏହି ଉତ୍ତରଟି ଗ୍ରହଣୀୟ ନଥିଲା ଯେହେତୁ ଶ୍ରେଡରର୍ ବିନା, ଉପଚାର ନହୋଇଥିବା ବିଏମଡବ୍ଲୁ ଅନ୍ୟ ବର୍ଜ୍ୟ ସହ ମିଶ୍ରିତ ହୋଇ ପୁନଃପ୍ରକ୍ରିୟାକାରୀଙ୍କୁ ହସ୍ତାନ୍ତର ହେବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ ।

[43] ହସପିଟାଲ-ଜୈବ-ବର୍ଜ୍ୟ -ଉପଚାର-ସୁବିଧା (i)ମେ/ର୍ସ ସାନି କ୍ଲିନ୍ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧା (ii)ମେ/ର୍ସ ମେଡି ଏଡ୍ ମାର୍କେଟିଙ୍ଗ୍ ସର୍ଭିସ,ଭୁବନେଶ୍ୱର, ଏସସିବି ମେଡିକାଲ କଲେଜ ଏବଂ ହସପିଟାଲ,କଟକ ଠାରେ (iii) ମେ/ର୍ସ ମେଡି ଏଡ୍ ମାର୍କେଟିଙ୍ଗ୍ ସର୍ଭିସ,ଭୁବନେଶ୍ୱର, ରାଉରକେଲା ସରକାରୀ ହସପିଟାଲ,ରାଉରକେଲା ଠାରେ (iv) ମେ/ର୍ସ ବାୟୋଟେକ୍ ସଲ୍ୟୁସନ ଭିଏସଏସ ମେଡିକାଲ କଲେଜ ଏବଂ ହସପିଟାଲ,ବୁର୍ଲା,ସମ୍ବଲପୁର ଏବଂ (v) ମେ/ର୍ସ ମେଡି ଏଡ୍ ମାର୍କେଟିଙ୍ଗ୍ ସର୍ଭିସ,ଭୁବନେଶ୍ୱର, ଏମକେସିଜି ମେଡିକାଲ କଲେଜ ଏବଂ ହସପିଟାଲ,ବ୍ରହ୍ମପୁର ଠାରେ

## 6.3.4.2 ତରଳ ରାସାୟନିକ ବର୍ଜ୍ୟ ଉପଚାର ବ୍ୟବସ୍ଥା ର ଅଭାବ

ବିଏମଡବ୍ଲୁ ନିୟମ 2016 ର ଧାରା 4(ଯେ) ଏବଂ (କେ) ଅନୁଯାୟୀ ଯେ ଉତ୍ସରୁ ତରଳ ରାସାୟନିକ ବର୍ଜ୍ୟ କୁ ପୃଥକ କରିବା ଏବଂ ଏଚସିଇରୁ ଉତ୍ପନ୍ନ ଅନ୍ୟାନ୍ୟ ପ୍ରବାହ ସହିତ ମିଶ୍ରଣ ପୂର୍ବରୁ ପ୍ରଥମେ ଉପଚାର କିମ୍ବା ନିରପେକ୍ଷତା ନିଶ୍ଚିତ କରିବା ଏବଂ ଜଳ(ପ୍ରଦୂଷଣ ର ପ୍ରତିରୋଧ ଏବଂ ନିୟନ୍ତ୍ରଣ) ଅଧିନିୟମ, 1974 ଅନୁଯାୟୀ ତରଳ ବର୍ଜ୍ୟବସ୍ତୁର ଉପଚାର ଏବଂ ନିଷ୍କାସନ ନିଶ୍ଚିତ କରିବା ଏଚସିଇ ଗୁଡିକର କର୍ତ୍ତବ୍ୟ ହେବ ।

ଅଡିଟ୍ ନୀରିକ୍ଷଣ କଲା ଯେ 3,509 ଏଇଚସିଇ ମଧ୍ୟରୁ କେବଳ 70 ଟି ଏଚସିଇ ଡ୍ରେନ୍ ରେ ପକାଇବା ପୂର୍ବରୁ ତରଳ ବର୍ଜ୍ୟବସ୍ତୁର ଉପଚାର ସୁବିଧା ସ୍ଥାପନ କରିଛନ୍ତି ଯଥା ଇଫ୍ଲୁଏଣ୍ଟ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ (ଇଟିପି)[44] ଏବଂ 1,426 ଏଚସିଇ ଲାବୋରେଟୋରୀ ଉତ୍ପାଦିତ ବିଏମଡବ୍ଲୁ ପାଇଁ ପ୍ରି-ଟ୍ରିଟମେଣ୍ଟ କରୁଥିଲେ । ଅନ୍ୟମାନେ ସିଧାସଳଖ ଭାବରେ ଦୂଷିତ ତରଳ ବର୍ଜ୍ୟବସ୍ତୁ କୁ ବିନା ଟ୍ରିଟମେଣ୍ଟ କରି ଡ୍ରେନରେ ପକାଉଥିଲେ ଯାହା ଜନସ୍ୱାସ୍ଥ୍ୟ ଏବଂ ପଶୁ ସ୍ୱାସ୍ଥ୍ୟ କୁ ଅନିଷ୍ଟ କିମ୍ବା କ୍ଷତି ର କାରଣଥିଲା । ଏହା ମଧ୍ୟ ଦେଖାଯାଇଥିଲା ଯେ 34 ଟି ସେରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ(ଏସଟିପି) ଗୁଡିକ ମଧ୍ୟରୁ କେବଳ ତିନୋଟି ଏସଟିପି, କ୍ୟାପିଟାଲ ହସପିଟାଲ ,ଭୁବନେଶ୍ୱର,ଡିଏଚଏଚ ସମ୍ବଲପୁରଏବଂ ଆଇଡିଏଚ୍ (ପୁରୀ ସହରରଏସଟିପି ସହିତ ସଂଯୁକ୍ତ) ପ୍ରତ୍ୟେକରେ ଗୋଟିଏ ଲେଖାଏଁ କାର୍ଯ୍ୟକ୍ଷମ ଥିଲା (ମାର୍ଚ୍ଚ 2021) ।

ଅଡିଟ୍ ମନ୍ତବ୍ୟ ଗୁଡିକୁ ଗ୍ରହଣ କରି ସରକାରଙ୍କ ଉପସଚିବ,ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, କହିଲେ,(ଏପ୍ରିଲ 2021) ଯେ ଓଡବ୍ଲୁଏସଏସବି ଏସଟିପି ପ୍ରତିଷ୍ଠା ପାଇଁ ଡିପିଆର ଗୁଡିକ ଦାଖଲ କରିଛି ଯେଉଁଥିପାଇଁ ଖୁବ୍ ଶୀଘ୍ର ପାଣ୍ଠି ଯୋଗାଇ ଦିଆଯିବ । ଉତ୍ତରଟି ଗ୍ରହଣୀୟ ନୁହେଁ ଯେହେତୁ ଏସଟିପି ସ୍ଥାପନରେ ବିଳମ୍ବ ଫଳରେ ସ୍ଥାୟୀ ସହର ଗୁଡିକର ବିକାଶ ଲକ୍ଷ୍ୟ ହାସଲ କରିବାରେ ବିଳମ୍ବ ହୋଇଥିଲା ।

## 6.3.5 ମେଡିକାଲ ଜୈବ ବର୍ଜ୍ୟବସ୍ତୁ ନିୟନ୍ତ୍ରଣ

ମେଡିକାଲ ଜୈବ ବର୍ଜ୍ୟବସ୍ତୁ ପରିଚାଳନା ରେ ଅଡିଟ୍ ନିମ୍ନଲିଖିତ ତ୍ରୁଟି ଦେଖିଲା

## 6.3.5.1 ପ୍ରତିରକ୍ଷା ଉପକରଣ ବିନା ମେଡିକାଲ ଜୈବବର୍ଜ୍ୟବସ୍ତୁ ନିୟନ୍ତ୍ରଣ

ବିଏମଡବ୍ଲୁ ନିୟମ 2016 ର ଧାରା 4(L) ଅନୁଯାୟୀ,ଏହାର ସମସ୍ତ ସ୍ୱାସ୍ଥ୍ୟ ସେବା କର୍ମଚାରୀ ତଥା ବିଏମଡବ୍ଲୁର ପରିଚାଳନାରେ ଜଡିତ କର୍ମଚାରୀ ମାନଙ୍କୁ ଉପଯୁକ୍ତ ତଥା ପର୍ଯ୍ୟାପ୍ତ ବ୍ୟକ୍ତିଗତ ସୁରକ୍ଷା ଉପକରଣ ଯୋଗାଇ ସେମାନଙ୍କର ବୃତ୍ତିଗତ ସୁରକ୍ଷା ନିଶ୍ଚିତ କରିବା ପ୍ରତ୍ୟେକ ଏଚସିଇ ର କର୍ତ୍ତବ୍ୟ । ପର୍ଯ୍ୟାପ୍ତ ବ୍ୟକ୍ତିଗତ ସୁରକ୍ଷା ଉପକରଣ ବିନା ବିଏମଡବ୍ଲୁକୁ ନିୟନ୍ତ୍ରଣ କରିବା ଦ୍ୱାରା ନିୟନ୍ତ୍ରକମାନଙ୍କ ପାଇଁ ସଂକ୍ରମଣ ଏବଂ ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ ।

ମିଳିତ ଯାଞ୍ଚ ହୋଇଥିବା 21 ଟି ଏଚସିଇ ମଧ୍ୟରୁ ପାଞ୍ଚଟି[45] ଏଚସିଇ ରେ ଦେଖାଗଲା ଯେ ଅଧିକାରୀମାନେ ବ୍ୟକ୍ତିଗତ ପ୍ରତିରକ୍ଷା ଉପକରଣ ନ ପିନ୍ଧି ବିଏମଡବ୍ଲୁ କୁ ନିୟନ୍ତ୍ରଣ କରୁଥିଲେ ।

ଜୟପୁରରେ ଥିବା ଡିଏମଓ (ଏମଏସ) –କମ୍-ସୁପରିନ୍‌ଟେନଡେଣ୍ଟ,ଡିଏଚଏଚ,କୋରାପୁଟ କହିଛନ୍ତି ଯେ ବିଏମଡବ୍ଲୁ ପରିଚାଳନା ସମୟରେ ଅଧିକାରୀଙ୍କୁ ପିପିଇ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି । କର୍ତ୍ତବ୍ୟର ଅବହେଳା ପାଇଁ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ଅଡିଟ୍ ମନ୍ତବ୍ୟ କୁ ଗ୍ରହଣ କରି ସିଡିଏମଓ ପୁରୀ ସ୍ୱୀକାର କରିଛନ୍ତି ଯେ ସଚେତନତା ଅଭାବରୁ କର୍ମଚାରୀମାନେ ବିଏମଡବ୍ଲୁ କୁ ନିୟନ୍ତ୍ରଣ କଲାବେଳେ ପିପିଇ ବ୍ୟବାହାର କରୁନଥିଲେ । ବିଏମଡବ୍ଲୁ ର ସଠିକ୍ ପରିଚାଳନା ପାଇଁ ସଚେତନତା ତାଲିମ ଏଚସିଇ ଗୁଡିକର ପରିଚାଳନାବର୍ଗଙ୍କ ଦାୟିତ୍ୱ ହୋଇଥିବାରୁ ଏହି ଉତ୍ତର ଗୁଡିକ ଗ୍ରହଣଯୋଗ୍ୟ ନୁହେଁ ।

---

44 ନାମୀ ଔଷଧ ଏବଂ ରାସାୟନିକ କମ୍ପାନୀ ଗୁଡିକ ଦ୍ୱାରା ଜଳକୁ ପ୍ୟୁରିଫାଇ କରି ସେଥିରୁ ବିଷାକ୍ତ ଏବଂ ବିଷହୀନ ପଦାର୍ଥ ବାହାର କରିବା ଲାଗି ଇଟିପି ବ୍ୟବହୃତ କରାଯାଏ । ସମସ୍ତ କମ୍ପାନୀ ଦ୍ୱାରା ପରିବେଶ ସୁରକ୍ଷା ଲାଗି ଏହି ପ୍ଲାଣ୍ଟ ବ୍ୟବହାର କରାଯାଏ ।

45 ଡିଏଚଏଚ ଜୟପୁର,ପୁରୀ,ଛତ୍ରପୁର,ହିଞ୍ଜିଳିକଟ୍ ଏବଂ ରାଉରକେଲା ସରକାରୀ ହସପିଟାଲ,ରାଉରକେଲା

### 6.3.5.2 ବି଼୍ଏମଡବ୍ଲୁ ପରିଚାଳନା ପାଇଁ ସିରିଞ୍ଜର ବ୍ୟବହାର

ବିଏମଡବ୍ଲୁ ନିୟମ 2016 ର ଭାଗ-୨ (ଅନୁସୁଚୀ-2) ର ଧାରା 11 ଅନୁଯାୟୀ ସିରିଞ୍ଜଗୁଡିକୁ ଖଣ୍ଡ ଖଣ୍ଡ କରିବା ଦରକାର କିମ୍ବା ଛୁଞ୍ଚିଗୁଡିକୁ କାଟି ଧାରୁଆ ବସ୍ତୁ ଷ୍ଟୋର କରିବା ପାଇଁ ଟ୍ୟାମ୍ପର ପ୍ରୁଫ୍ ,ଲିକ୍ ପ୍ରୁଫ୍ ଏବଂ ପଙ୍କଚର୍ ପ୍ରୁଫ୍ କଣ୍ଟେନର ରେ ରଖିବା ଦରକାର । ଯେତେବେଳେ କୌଣସି ଏଚସିଇ ନିଷ୍କାସନ ପ୍ରକ୍ରିୟା ସୁବିଧା ସହ ଯୋଡି ହୋଇନଥିବ ଏହା ସେହି ଏଚସିର ଦାୟୀତ୍ୱ ଯେ ନିର୍ଦ୍ଦେଶିତ ନିୟମ ଅନୁଯାୟୀ ସିରିଞ୍ଜକୁ ଷ୍ଟେରିଲାଇଜ୍ ଏବଂ ନିଷ୍କାସନ କରିବ ।


ଫଟୋଗ୍ରାଫ୍ 33: ଡିଏଚଏଚ, ଜୟପୁର ଷ୍ଟୋର ରୁମ୍ ଠାରେ

ମିଳିତ ଯାଞ୍ଚ ହୋଇଥିବା 21 ଟି ପରୀକ୍ଷା ଯାଞ୍ଚ ଏଚସିଇ ମଧ୍ୟରୁ ପାଞ୍ଚଟି[46] ରେ ଦେଖାଗଲା ଯେ ବିଏମଡବ୍ଲୁ ନିୟମକୁ ଉଲଂଘନ କରି ବ୍ୟବହୃତ ସିରିଞ୍ଜ ଗୁଡିକ ଲିକ୍ ପ୍ରୁଫ୍ କଣ୍ଟେନର ରେ ରଖାଯାଇନଥିଲା ଏବଂ ଷ୍ଟୋର ରୁମ୍ ରେ ଖୋଲାଇ ହୋଇ ପଡିଥିଲା ଯାହା ବିଏମଡବ୍ଲୁର ନିୟମରେ ଥିବା ବ୍ୟବସ୍ଥାକୁ ଉଲଙ୍ଘଂନ କରୁଥିଲା ।

ଜୟପୁର ରେ ଥିବା ଡିଏମଓ (ଏମଏସ)–କମ୍-ସୁପରିନଟେନଡେଣ୍ଟ, ଡି .ଏଚ .ଏଚ,କୋରାପୁଟ କହିଛନ୍ତି ଯେ ଷ୍ଟୋର ରୁମରେ ପଙ୍କଚର ପ୍ରୁଫ୍ କଣ୍ଟେନର ରେ ସିରିଞ୍ଜ ରଖିବା ପାଇଁ ଆଉଟସୋର୍ସିଂ ଏଜେନସୀ କୁ ନିର୍ଦ୍ଦେଶ ଦିଆଯାଇଛି । ଭବିଷ୍ୟତରେ ମାର୍ଗଦର୍ଶନ ପାଇଁ ସିଡିଏମଓ, ପୁରୀ ଅଡିଟ୍ ମନ୍ତବ୍ୟ ଗୁଡିକୁ ଲିପିବଦ୍ଧ କରିଛନ୍ତି ।ସିଡିଏମଓ , ସମ୍ବଲପୁର କହିଲେ ଯେ ସମସ୍ତ ଷ୍ଟାଫ୍ ନର୍ସଙ୍କୁ ବିଏମଡବ୍ଲୁ ନିର୍ଦ୍ଦେଶାବଳୀ ଅନୁସରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

### 6.3.5.3 ବାର କୋଡିଂ ବିନା ବିଏମଡବ୍ଲୁ ର ପରିବହନ

ବିଏମଡବ୍ଲୁ ନିୟମ 2016 ର ଧାରା 4(i) ଏବଂ 8(4 ଏବଂ 5) ଅନୁଯାୟୀ ବିଏମଡବ୍ଲୁ ପରିବହନ ପାଇଁ ବ୍ୟବହୃତ ଯାନ ଏବଂ କଣ୍ଟେନର ରେ ବାର୍ କୋର୍ଡ ଏବଂ ଜିପିଏସ ବ୍ୟବସ୍ଥା ରହିବା ଉଚିତ ।



ଫଟୋଗ୍ରାଫ୍ 34: କ୍ୟାପିଟାଲ ହସପିଟାଲରେ ବାରକୋଡିଂ ବିନା ବିଏମଡବ୍ଲୁ ପାତ୍ର


ଫଟୋଗ୍ରାଫ୍ 35: କଟକ ଡିଏଇଚଏଇଚରେ ବିନା ବାରକୋଡିଂରେ ବିଏମଡବ୍ଲୁ ବହନ କରୁଥିବା ଗାଡି

ଯାଞ୍ଚ ହୋଇଥିବା ସମସ୍ତ 21 ଟି ଏଚସିଇ ରେ ଦେଖାଗଲା ଯେ ସେବା ପ୍ରଦାନକାରୀଙ୍କ ଦ୍ୱାରା ବିଏମଡବ୍ଲୁ ଗୁଡିକ ଗାଡି/ବ୍ୟାଗ/କଣ୍ଟେନର ରେ ବିନା ବାର୍ କୋଡିଂ ରେ ପରିବହନ କରାଯାଉଥିଲା ଯାହା ଫଟୋଗ୍ରାଫ ଗୁଡିକରେ ଦେଖାଯାଇଛି । ବିଏମଡବ୍ଲୁ ପରିବହନ କରୁଥିବା ଯାନରେ ଜିପିଏସ ଲାଗିଥିବା କୌଣସି ରେକର୍ଡ ଅଡିଟ୍‌କୁ ଦିଆଯାଇନଥିଲା ।ନିୟମ ଲାଗୁ ହେବାର ପାଞ୍ଚ ବର୍ଷର ସମାପ୍ତି ପରେ ମଧ୍ୟ ବାର-କୋର୍ଡିଂ ଏବଂ ଜିପିଏସ୍ ଟ୍ରାକିଂ ସିଷ୍ଟମ ଆରମ୍ଭ ହୋଇନଥିଲା ।

ସରକାରଙ୍କ ଉପ-ସଚିବ,ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ କହିଛନ୍ତି (ଏପ୍ରିଲ 2021) ଯେ, 2019-20 ମଧ୍ୟରେ ବାର କୋଡିଂ ଏବଂ ଜିପିଏସ ସିଷ୍ଟମ ସ୍ଥାପନ ପାଇଁ ବାଇଶି ଜିଲ୍ଲାକୁ ପାଣ୍ଠି ଯୋଗାଇ ଦିଆଯାଇଛି ।

46 ଡିଏଚଏଚ ସମ୍ବଲପୁର,ଜୟପୁର,ପୁରୀ ଏବଂ ଏସଡିଏଇଚ ଗୁଣପୁର ଏବଂ ହିଞ୍ଜିଳିକଟ୍

## 6.3.5.4 ଗଭୀର ଖାତର ଜରାଜୀର୍ଣ୍ଣ ଅବସ୍ଥା

ବିଏମଡବ୍ଲୁ ନିୟମ 2016 ର ଅନୁସୁଚୀ-II ର ଧାରା 5(5) କାର୍ଯ୍ୟସୂଚୀ ଗଭୀର ଖାତ ପାଇଁ ମାନଦଣ୍ଡ ଦର୍ଶାଏ । ନିୟମ ଅନୁଯାୟୀ, ଗଭୀର ଖାତ ସ୍ଥାନ ଅପେକ୍ଷାକୃତ ଅଭେଦ୍ୟ ହେବା ଉଚିତ ଏବଂ ଅସ୍ଥାୟୀ କୂଅ ନିକଟରେ ରହିବା ଉଚିତ । ଅନୁଷ୍ଠାନ ଗଭୀର ଖାତ ପାଇଁ ସମସ୍ତ ଗର୍ତ୍ତର ଏକ ରେକର୍ଡ ବଜାୟ ରଖିବା ଉଚିତ ।

ମିଳିତ ଯାଞ୍ଚ ସମୟରେ ଏହା ଦେଖାଗଲା ଯେ ବିଏମଡବ୍ଲୁ ପାଇଁ ଏସଡିଏଚ ଗୁଣୁପୁର ରେ ଏକ ଗଭୀର ଖାତ ବ୍ୟବସ୍ଥା ଅଛି । ଗଭୀର ଖାତ ଗୁଡିକର ଗର୍ତ୍ତଗୁଡିକର ଆବରଣ ଜରାଜୀର୍ଣ୍ଣ ଅବସ୍ଥାରେ ଥିଲା ଯାହା ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ । ଏହା ମଧ ଦେଖାଗଲା ଯେ ସିଏଚସି ଚାନ୍ଦବାଲିରେ ଗଭୀର ଖାତର ଗର୍ତ୍ତଗୁଡିକ ଖୋଲା ଅବସ୍ଥାରେ ଥିଲା ।



ଫଟୋଗ୍ରାଫ୍ 36 : ଏସଡିଏଚ୍ ଗୁଣୁପୁର ଠାରେ ବର୍ଜ୍ୟବସ୍ତୁ ପାଇଁ ଗଭୀର ଖାତ



ଫଟୋଗ୍ରାଫ୍ 37 : ସିଏଚ୍‌ସି ଚାନ୍ଦବାଲି ଠାରେ ବର୍ଜ୍ୟବସ୍ତୁ ପାଇଁ ଗଭୀର ଖାତ

ଏସଡିଏଚ,ଅଧକ୍ଷ,ଗୁଣପୁର କହିଛନ୍ତି ଯେ ଡାକ୍ତରଖାନା ପରିସରରେ ନୂତନ ହସପିଟାଲ କୋଠା ନିର୍ମାଣ କରାଯାଉଛି । ନୂତନ କୋଠା ନିର୍ମାଣ ପରେ ପୁରୁଣା ଗଭୀର ଖାତ ଗୁଡିକ ବନ୍ଦ ହୋଇଯିବ । ବିଏମଡବ୍ଲୁ ନିୟମ 2016 ଅନୁଯାୟୀ ପୁରୁଣା ଗଭୀର ଖାତ ର ରକ୍ଷଣା ବେକ୍ଷଣ କରାଯାଇ ନଥିବାରୁ ଏହି ଉତ୍ତର ଗ୍ରହଣଯୋଗ୍ୟ ନୁହେଁ ।

## 6.3.6 ସର୍ବସାଧାରଣ ଉପଚାର ପ୍ଲାଣ୍ଟ ଗୁଡିକରେ ଅନ୍ ଲାଇନ୍ ନିର୍ଗମନ ବ୍ୟବସ୍ଥା

ବିଏମଡବ୍ଲୁ ନିୟମ 2016 ର ଅନୁସୂଚୀ- II ର ଧାରା C (i) ରେ ଦର୍ଶାଯାଇଛି ଯେ ଏଚସିଇ ଗୁଡିକ କିମ୍ବା ସିବିଏମଡବ୍ଲୁଟିଏଫ୍ ର ଅପରେଟର ଏସପିସିବି ଦ୍ୱାରା ଧାର୍ଯ୍ୟ ହୋଇଥିବା ପରିମାପ ଗୁଡିକ ପାଇଁ ନିରନ୍ତର ନିର୍ଗମନ ନୀରିକ୍ଷଣ ବ୍ୟବସ୍ଥା ସ୍ଥାପନ କରିବେ ଏବଂ ନିୟମିତ ପର୍ଯ୍ୟବେକ୍ଷଣ ପାଇଁ ପ୍ରକୃତ ସମୟ ତଥ୍ୟ ଏସପିସିବି ଏବଂ ସିପିସିବି ରେ ଥିବା ସର୍ଭର କୁ ପଠାଇବେ ।

ଅଡିଟ୍ ଦେଖିଲେ ଯେ ପାଞ୍ଚଟି ସିବିଏମଡବ୍ଲୁଟିଏଫ ମଧରୁ କେବଳ ଗୋଟିଏ ସିବିଏମଡବ୍ଲୁଟିଏଫ (ମେ/ର୍ସ ସାନି କ୍ଲିନ୍) ରେ ଅନ୍ ଲାଇନ କ୍ରମାଗତ ନିର୍ଗମନ ନୀରିକ୍ଷଣ ବ୍ୟବସ୍ଥା ଥିଲା । ଅଡିଟ୍ ମନ୍ତବ୍ୟ କୁ ଗ୍ରହଣ କରି ଏସପିସିବି ସଦସ୍ୟ ସଚିବ, କହିଛନ୍ତି (ଫେବୃଆରୀ 2021) ରେ ଯେ ବିଏମଡବ୍ଲୁ ନିୟମ ଉଲଘଂନ ପାଇଁ ଖବର କାଗଜ ମାଧମରେ ଅନ୍ୟମାନଙ୍କୁ ସର୍ବସାଧାରଣ ବିଜ୍ଞପ୍ତି ଜାରି କରାଯାଇଥିଲା । ଏହି ଉତ୍ତରଟି ଗ୍ରହଣୀୟ ନଥିଲା ଯେହେତୁ ଏସପିସିବି ଏହି ନିୟମର ଉଲଘଂନ କୁ ଜଗି ନଥିଲା ଏବଂ ତଦ୍ୱାରା ନିୟମିତ ନିର୍ଗମନ ଉପରେ ନୀରିକ୍ଷଣ ଏବଂ ପ୍ରକୃତ ସମୟ ତଥ୍ୟ ପଠାଇବାରେ ବିଫଳ ହୋଇଥିଲା ।

## 6.4 ଓଡିଶାରେ ସ୍ୱରେଜ୍ ଟ୍ରିଟ୍ ମେଣ୍ଟ ପ୍ଲାଣ୍ଟ

ଜଳ ନିରାକଣର,ନିୟନ୍ତ୍ରଣ ଏବଂ ପ୍ରଦୂଷଣ ଅଧିନିୟମ 1974 (ଡବ୍ଲୁପିସିପି) ର ଧାରା 25 ଏବଂ 26 ଅନୁଯାୟୀ, କୌଣସି ବ୍ୟକ୍ତି , ରାଜ୍ୟ ବୋର୍ଡର ପୂର୍ବ ସମ୍ମତି ବିନା କୌଣସି ଶିଳ୍ପ କାର୍ଯ୍ୟ କିମ୍ବା ପ୍ରକ୍ରିୟା, କିମ୍ବା କୌଣସି ଉପଚାର ଏବଂ ନିଷ୍କାସନ ବ୍ୟବସ୍ଥା କିମ୍ବା ଏଥିରେ କୌଣସି ବିସ୍ତାର କିମ୍ବା ନୂତନ ନିର୍ମାଣ ସ୍ଥାପନ କରିବେ ନାହିଁ, ଯାହା ସମ୍ଭବତଃ ଝରଣା କିମ୍ବା କୂଅ ମଧକୁ ସ୍ୱରେଜ୍ କିମ୍ବା ଭୂମି ଉପରେ ଶିଳ୍ପ ର ମଇଳା ପାଣି ଛାଡିବାର ସମ୍ଭାବନା ଅଛି ।

## 6.4.1 ସ୍ୱରେଜ୍ ଟ୍ରିଟ୍ ମେଣ୍ଟ ପ୍ଲାଣ୍ଟ ଗୁଡିକର ସ୍ଥିତି

ଅଡିଟ୍ ନୀରିକ୍ଷଣ କଲା ଯେ ଏଚ ଏଣ୍ଡ ୟୁଡି ବିଭାଗ ମାର୍ଚ୍ଚ 2006 ରୁ ଫେବୃଆରୀ 2020 ମଧରେ ₹1,740.83 କୋଟି ବ୍ୟୟରେ ଚାରୋଟି କର୍ପୋରେସନ[47] ଏବଂ ଦୁଇଟି ପୌରସଂସ୍ଥାରେ 12[48] ଏସଟିପି ପ୍ରତିଷ୍ଠା ପାଇଁ ନିଷ୍ପତି

[47] କର୍ପୋରେସନ ଗୁଡିକ:ଭୁବନେଶ୍ୱର, କଟକ,ସମ୍ବଲପୁର ଏବଂ ରାଉରକେଲା, ମ୍ୟୁନିସିପାଲିଟି: ପୁରୀ ଏବଂ ତାଳଚେର

ନେଇଥିଲା  ଯାହାର ନିର୍ମାଣ ସମ୍ପୂର୍ଣ୍ଣ ଅବଧି ମାର୍ଚ୍ଚ 2007 ରୁ ଡିସେମ୍ବର 2021 ଭିତରେ ଥିଲା । ଏଥିମଧ୍ୟରୁ ଫେବୃଆରୀ 2018 ରୁ ଡିସେମ୍ବର 2021 ମଧ୍ୟରେ ପାଞ୍ଚଟି ଏସଟିପି (ଦୁଇଟି ପୁରୀରେ (15+5 ଏମଏଲଡି[49]), କଟକ (16+36 ଏମଏଲଡି ର ଦୁଇଟି ଏସଟିପି) ଏବଂ ତାଳଚେର (2 ଏମଏଲଡି ର ଗୋଟିଏ ଏସଟିପି) ବସାଯାଇଥିଲା ଏବଂ ଅନ୍ୟ ସାତୋଟି ଏସଟିପି ର କାମ ମାର୍ଚ୍ଚ 2021 ସୁଦ୍ଧା **₹**1,831.78 କୋଟି ବ୍ୟୟ ହୋଇ ଚାଲୁ ରହିଥିଲା ।

ଆହୁରି ମଧ୍ୟ ମାର୍ଚ୍ଚ 2021 ସୁଦ୍ଧା 4,54,133 ପରିବାରକୁ ଅନ୍ତର୍ଭୁକ୍ତ କରୁଥିବା 1,308.883 କି.ମି.ର ନିର୍ଦ୍ଧାରିତ ସେରେଜ୍ ନେଟ୍ ୱାର୍କ୍ ମଧ୍ୟରୁ କେବଳ 965.037 କି.ମି.ର (74 ପ୍ରତିଶତ) ଏବଂ 64,222 ପରିବାର (14 ପ୍ରତିଶତ) ସଂଯୋଗ ହୋଇପାରିଥିଲା ।

ଏହା ଦେଖାଗଲା ଯେ ଏସଟିପି କାର୍ଯ୍ୟର ଅଗ୍ରଗତି ଏବଂ ସେରେଜ୍ ନେଟ୍ ୱାର୍କ ର ସଂଯୋଗଗୁଡିକ ଅତ୍ୟନ୍ତ ମନ୍ଥର ଥିଲା ଯେଉଁଥିପାଇଁ କାର୍ଯ୍ୟନିର୍ବାହୀ ସଂସ୍ଥା (ୱାଟ୍ କୋ ଏବଂ ଓଡବ୍ଲୁଏସ ଏଣ୍ଡ ଏସବି) ଗୁଡିକ ପାଣ୍ଠି ବ୍ୟବହାର କରିପାରିଲେ ନାହିଁ । ଯାହାଦ୍ୱାରା ଅଗଷ୍ଟ 2021 ସୁଦ୍ଧା **₹**582.03 କୋଟି[50] ଅବରୋଧ ହୋଇ ରହିଥିଲା ।

ଏସଟିପି ଏବଂ ସେରେଜ୍ ନେଟ୍ ୱାର୍କର ସମାପ୍ତ ନହେବା ହେତୁ ଘରଗୁଡିକରୁ ନିର୍ଗତ ବର୍ଜ୍ୟଜଳ ନିକଟସ୍ଥ ଜଳରାଶିକୁ ଯିବାକୁ ଦିଆଯାଇଥିଲା ଯାହା ଜଳ ପ୍ରଦୂଷଣ କରୁଥିଲା । ଏହାମଧ୍ୟ ଏସପିସିବିର ବାର୍ଷିକ ରିପୋର୍ଟରେ କୁହାଯାଇଥିଲା ଯେ ଘର ମାନଙ୍କରୁ / ସହରାଞ୍ଚଳ ରୁ ନିର୍ଗତ ହେଉଥିବ ବର୍ଜ୍ୟଜଳ ବିନା ଉପଚାରରେ ଜଳରାଶିକୁ ଛଡ଼ାଯାଉଥିବାରୁ ଜଳପ୍ରଦୂଷଣ ହେଉଥିଲା ।

ଏହା ଜଣାଇବା ପରେ ପରିଚାଳନା ନିର୍ଦ୍ଦେଶକ, ୱାଟ୍ କୋ ଏବଂ ପ୍ରୋଜେକ୍ଟ ଇଞ୍ଜିନିୟର,ଓଡବ୍ଲୁଏସଏଣ୍ଡଏସବି କହିଲେ (ମାର୍ଚ୍ଚ 2021) ଯେ କୋଭିଡ୍ ମହାମାରୀ ସମୟରେ ଦେଶବ୍ୟାପି ବାରମ୍ବାର ଲକଡାଉନ୍/କର୍ଫ୍ୟୁ ଏବଂ ଫନି, ଫାଇଲିନ୍, ହୁଡ୍‌ହୁଡ୍ ଭଳି ବାତ୍ୟା ବାରମ୍ବାର ହେବା ଯୋଗୁଁ ପ୍ରକଳ୍ପ ସମାପ୍ତ ହେବାରେ ବିଳମ୍ବ ହେଲା । ଏହି କାରଣ ଗୁଡିକ ଗ୍ରହଣୀୟ ନୁହେଁ ଯେହେତୁ ଏସଟିପି ଗୁଡିକର ନିର୍ମାଣ 2006 ରୁ ଆରମ୍ଭ ହୋଇଥିଲା ।

### 6.4.2 ଜଳରାଶି ରେ ପ୍ରବେଶ କରୁଥିବା ମଇଳା

ଅଡିଟ୍ ପୁନର୍ବାର ଲକ୍ଷ୍ୟ କଲା ଯେ ପୁରୀର ବାଙ୍କିମୂହାଣ ନିକଟରେ ଏସଟିପି(5 ଏମଏଲଡି) ଯାହା 1.73 କୋଟି ବ୍ୟୟରେ (ଫେବୃଆରୀ 2018) ରେ ସ୍ଥାପନ ହୋଇଥିଲା  ତାହା କାର୍ଯକ୍ଷମ ନଥିଲା ଏବଂ ବିଶୋଧିତ ହୋଇନଥିବା ବର୍ଜ୍ୟଜଳ ଏବଂ ଫେଣ ପୁରୀ ସମୁଦ୍ରର  ନିଳାଦ୍ରି ବେଳାଭୂମି ନିକଟସ୍ଥ ବଙ୍ଗୋପସାଗର ରେ ପ୍ରବାହିତ ହେବା ଛଡା ଦୁର୍ଗନ୍ଧ ହେଉଥିଲା ଯାହା ଫଟୋଗ୍ରାଫ୍ -38 ରେ ଦର୍ଶାଯାଇଛି, ଫଳରେ ସମସ୍ତ ଖର୍ଚ୍ଚ ଅଫଳପ୍ରସୁ ହୋଇଥିଲା । ସମ୍ବଲପୁର ୟୁଏଲବିରେ ଏସଟିପିର ଅଭାବ ହେତୁ ମିଶ୍ରିତ କଠିନ ବର୍ଜ୍ୟବସ୍ତୁ ଅଶୋଧିତ ସେରେଜ୍ ସହ ମହାନଦୀ ମଧ୍ୟକୁ ଛଡାଯାଉଥିଲା ଯାହା ଫଟୋଗ୍ରାଫ୍ 39 ରେ ଦେଖାଯାଇଅଛି ।



ଫଟୋଗ୍ରାଫ୍ 38: ପୁରୀ ସହରର ସେରେଜ୍ ମାଇଳାପାଣି ବାଙ୍କୀ ମୂହାଣ ନିକଟସ୍ଥ ନିଳାଦ୍ରୀ ସମୁଦ୍ରକୁଳ ଠାରେ  ଛଡାଯାଉଛି



ଫଟୋଗ୍ରାଫ୍ 39:ସମ୍ବଲପୁର ୱାର୍ଡ ସଂଖ୍ୟା 32 ଠାରେ ସେରେଜ୍ ମଇଳା ସହ କଠିନ ବର୍ଜ୍ୟ ମିଶି ମହାନଦୀ ମଧ୍ୟକୁ ଛଡାଯାଉଛି

48 12 ଟି ଏସଟିପି: ଭୁବନେଶ୍ୱର – 5, କଟକ- 2,ସମ୍ବଲପୁର-1,ରାଉରକେଲା -1,ପୁରୀ- 2 ଏବଂ ତାଳଚେର -1

49 ଏମଏଲଡି : ମିଲିୟନ ଲିଟରସ୍ ଦୈନିକ

50 କଟକ ଏବଂ ଭୁବନେଶ୍ୱର ରେ ପାଞ୍ଚଟି ପ୍ରକଳ୍ପ ପାଇଁ  ₹398.54 କୋଟି  ୱାଟ୍ କୋ ରେ ଏବଂ ରାଉରକେଲା ଓ ସମ୍ବଲପୁର ରେ ଦୁଇଟି ପ୍ରକଳ୍ପ ପାଇଁ ₹183.49 କୋଟି ଓଡବ୍ଲୁଏସଏଣ୍ଡଏସବି ରେ

ଯାଞ୍ଚ ହୋଇଥିବା ଅନ୍ୟ ୟୁଏଲବି ଗୁଡିକରେ ଯେଉଁଥିରେ ମଇଳାପାଣି ବିଶୋଧନ ପାଇଁ ଏସଟିପି ସୁବିଧା ନାହିଁ ମଇଳାପାଣି ସିଧାସଳଖ ନିକଟସ୍ଥ ଜଳସ୍ରୋତକୁ ନିଷ୍କାସନ ହେବାଦ୍ୱାରା ଜଳ ପ୍ରଦୂଷଣ ହେଉଥିଲା ଏବଂ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରୁଥିଲା ।

କାର୍ଯ୍ୟନିର୍ବାହୀ ଅଧିକାରୀ ରାୟଗଡା ୟୁଏଲବି କହିଲେ(ମାର୍ଚ୍ଚ 2021) ଯେ ଏସଟିପିର ନିର୍ମାଣ ସରକାରଙ୍କ ବିଚାରାଧିନ ଅଛି । ଅଡିଟ୍ ମନ୍ତବ୍ୟ ଗୁଡିକୁ ଗ୍ରହଣ କରି କାର୍ଯ୍ୟନିର୍ବାହୀ ଅଧିକାରୀ ଜୟପୁର କହିଲେ (ମାର୍ଚ୍ଚ 2021) ଯେ ସେରେଜ୍ ବିଶୋଧନାଗାର ପାଇଁ ପ୍ରସ୍ତାବ ସରକାରଙ୍କ ନିକଟରେ ଦାଖଲ ହେବ । ଭବିଷ୍ୟତରେ ମାର୍ଗଦର୍ଶନ ପାଇଁ ଅଡିଟ୍ ମନ୍ତବ୍ୟ ଗୁଡିକୁ ଡିସି,ସାନିଟେସନ ସିଏମସି ଲିପିବଦ୍ଧ କରିଲେ ।

## 6.5 କଂସେଇଖାନା ଗୁଡିକର ପରିଚାଳନା

କଂସେଇଖାନାରେ ଉତ୍ପାଦିତ ବର୍ଜ୍ୟବସ୍ତୁ ତିନି ପ୍ରକାରର କଠିନ,ତରଳ ଏବଂ ଗ୍ୟାସ୍ । କଠିନ ବର୍ଜ୍ୟବସ୍ତୁ ଖତ, ଅନ୍ତନଳୀ ବିଷୟବସ୍ତୁ,କେଶ,ଶିଙ୍ଗ,ଖୁରା,ଛେଦନ,ଆଭ୍ୟନ୍ତରୀଣ ଅଙ୍ଗ, ନଷ୍ଟ ହୋଇଥିବା ପଶୁର ମୃତ ଶରୀର କିମ୍ବା ଶରୀରର ଅଂଶ ଗୁଡିକ,କାଗଜ ପେଟି ଏବଂ ପ୍ଲାଷ୍ଟିକରୁ ଉତ୍ପନ୍ନ ହୁଏ । କଂସେଇଖାନାର ତରଳ ବର୍ଜ୍ୟବସ୍ତୁ ପରିସ୍ରା, ରକ୍ତ ଏବଂ ବଧ ପ୍ରକ୍ରିୟାରୁ ମଇଳା ପାଣି ଆସିଥାଏ । ବଧ ପ୍ରକ୍ରିୟାରେ ବାଷ୍ପ ବର୍ଜ୍ୟବସ୍ତୁ (ଦୁର୍ଗନ୍ଧ ଏବଂ ନିର୍ଗମନ) ମଧ ଉତ୍ପାଦିତ ହୁଏ । ଏହି ବର୍ଜ୍ୟବସ୍ତୁଗୁଡିକୁ ଯଦି ସଠିକ୍ ଭାବରେ ପରିଚାଳନା ନ ହୁଏ ତେବେ ସ୍ୱାସ୍ଥ୍ୟ ଏବଂ ପରିବେଶ ପାଇଁ ବିପଦ ସୃଷ୍ଟି କରିଥାଏ । କଂସେଇଖାନାରୁ ଅଧିକ ମାତ୍ରା ରେ ବାହାରୁଥିବା ପଶୁରକ୍ତ ଓ ଚର୍ବି,ମଇଳା ଏବଂ ଅନ୍ୟାନ୍ୟ ପ୍ରଦୂଷକ ପଦାର୍ଥ ଏହାକୁ ଅତ୍ୟଧିକ ବିଷାକ୍ତ କରିଥାଏ ଏବଂ ପରିବେଶ ଓ ସ୍ୱାସ୍ଥ୍ୟ ପାଇଁ ବିପଦ ସୃଷ୍ଟି କରିଥାଏ ।

### 6.5.1 ବିନାନୁମତିରେ କଂସେଇଖାନା ଚଳାଇବା

ଜଳ ନିରାକଣର,ନିୟନ୍ତ୍ରଣ ଏବଂ ପ୍ରଦୂଷଣ ଅଧିନିୟମ 1974 (ଡବ୍ଲୁସିପି) ର ଧାରା 25 ଏବଂ 26 ନିର୍ଦ୍ଧାରିତ କରେ ଯେ କୌଣସି ଶିଳ୍ପ କାର୍ଯ୍ୟ କିମ୍ବା ପ୍ରକ୍ରିୟା, କିମ୍ବା କୌଣସି ଉପଚାର ଏବଂ ନିଷ୍କାସନ ବ୍ୟବସ୍ଥା କିମ୍ବା ଏହାର କୌଣସି ବିସ୍ତାର କିମ୍ବା ନୂତନ ନିର୍ମାଣ ସ୍ଥାପନ କରିବେ ନାହିଁ, ଯାହା ସମ୍ଭବତଃ ଝରଣା,କୂଅ କିମ୍ବା ଭୂପୃଷ୍ଠକୁ ସରେଜ୍ କିମ୍ବା ଶିଳ୍ପ ର ମଇଳା ପାଣି ଛାଡିବାର ସମ୍ଭାବନା ଅଛି ତାକୁ ସ୍ଥାପନ କରିବାର ସମ୍ମତି (ସିଏଫଇ) ଏବଂ ଚାଲୁ କରିବାର ସମ୍ମତି(ସିଏଫଓ) ଓଏସପିସିବି ଠାରୁ ହାସଲ କରିବା ଦରକାର । ତଦନୁସାରେ, କଂସେଇଖାନା ଗୁଡିକ ବି କାର୍ଯ୍ୟକ୍ଷମ କରିବା ପାଇଁ ଓଏସପିସିବି ଠାରୁ ସମ୍ମତି ଆଣିବା ଦରକାର ।

ଅଡିଟ୍ ନୀରିକ୍ଷଣ କଲା ଯେ ଯଦିଓ ସିଏମସିରେ କଂସେଇଖାନା କାର୍ଯ୍ୟକ୍ଷମ ଅଛି ସିଏମସି ଏସପିସିବି ଠାରୁ ସିଏଫ୍ଇ ଏବଂ ସିଏଫଓ ହାସଲ କରିନଥିଲା । ଏସପିସିବି ର ଅନୁମତି ବିନା ସହରାଞ୍ଚଳରେ କଂସେଇଖାନା ଚାଲୁରହିବା ପଶୁମାନଙ୍କୁ ବେଆଇନ ବଧ ସହ ସମାନ । ଏହା ସୂଚିତ କରେ ଯେ ମାନଦଣ୍ଡ ପାଳନ ହେଉନଥିଲା, ଯାହା ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରିବା ସହ ପରିବେଶକୁ ଦୂଷିତ କରିବା ସମ୍ଭାବନା ଥିଲା ।

### 6.5.2 କଂସେଇଖାନା ର ପରିଚାଳନା ବ୍ୟବସ୍ଥାକୁ ପାଳନ ନକରିବା

କଂସେଇଖାନାରୁ ନିର୍ଗତ ହେଉଥିବା ବର୍ଜ୍ୟବସ୍ତୁରୁ ଉପଯୋଗୀ ଅଂଶ ଗୁଡିକୁ ବାହାର କରିବା ଏବଂ ଜୀବାଣୁ ଜନିତ ବର୍ଜ୍ୟବସ୍ତୁର ବଳକା ଅଂଶଗୁଡିକର ନିରାପଦ ନିଷ୍କାସନ ପାଇଁ ବୈଜ୍ଞାନିକ ପ୍ରକ୍ରିୟାକରଣ ଏବଂ ବିସର୍ଜନ ଏକାନ୍ତ ଆବଶ୍ୟକ । କଂସେଇଖାନା ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କିମ୍ବା ବିସର୍ଜନ ସୁବିଧାର ଅନୁପସ୍ଥିତିରେ ମୃତ ପଶୁ ଏବଂ ଦୁର୍ଘଟଣା ରେ ପ୍ରାଣହରାଇଥିବା ପଶୁ ମାନଙ୍କ ଶରୀରକୁ ୟୁଏଲବି ଗୁଡିକ ଯଥେଷ୍ଟ ସତର୍କତାର ସହ ଗଭୀର ଖାତରେ ପୋତିବା ଦରକାର(ଅନୁଭାଗ 7.6 ଏମଏସଡବ୍ଲୁ ମାନୁଆଲ,2016) ।

ଅଡିଟ୍ ଦେଖିଲା ଯେ କୌଣସି ବି କଂସେଇଖାନାରେ ବର୍ଜ୍ୟ ପ୍ରକ୍ରିୟାକରଣ ଏବଂ ବିସର୍ଜନ ସୁବିଧା ନଥିଲା । ଉତ୍ପନ୍ନ ହେଉଥିବା ତରଳ ବର୍ଜ୍ୟବସ୍ତୁ ଡ୍ରେନେଜ୍ ବ୍ୟବସ୍ଥା ମଧକୁ ସିଧାସଳଖ ଛଡାଯାଉଥିଲା । କଂସେଇଖାନାରେ ଉତ୍ପନ୍ନ କଠିନ ବର୍ଜ୍ୟବସ୍ତୁ ଏବଂ ଖୁଚୁରା ମଟନ୍/ଚିକେନ/ମାଛ ଦୋକାନର ବର୍ଜ୍ୟବସ୍ତୁ କଠିନ ବର୍ଜ୍ୟବସ୍ତୁ ସହ ମିଶି ଲ୍ୟାଣ୍ଡଫିଲ୍ କୁ ପରିବାହିତ ହେଉଥିଲା । ପଶୁମାନଙ୍କ ମୃତ ଶରୀର ଏବଂ ଗୁଡିକୁ ୟୁଏଲବି ଦ୍ୱାରା ଗଭୀର ଖାତରେ ନ ପୋତି ସେଗୁଡିକୁ ଲ୍ୟାଣ୍ଡଫିଲ୍ ରେ ପକାଯାଉଥିଲା । ପରୀକ୍ଷା ଯାଞ୍ଚ ହୋଇଥିବା ସମସ୍ତ କଂସେଇଖାନାଗୁଡିକରେ ଦୁର୍ଗନ୍ଧ ବାୟୁ ନିର୍ଗମନ ନିୟନ୍ତ୍ରଣ ପାଇଁ ଉପକରଣ ଯୋଗାଇ ଦିଆଯାଇନଥିଲା । ଏହିପରି କଂସେଇଖାନାଗୁଡିକ ପ୍ରଭାବଶାଳୀ ଭାବେ କଂସେଇଖାନା ବର୍ଜ୍ୟବସ୍ତୁ ପରିଚାଳନା କରିପାରିନଥିଲେ, ଯଦ୍ୱାରା ଅସ୍ୱାସ୍ଥ୍ୟକର ପରିସ୍ଥିତି ଏବଂ ପରିବେଶର ଦୂଷିତ ହେବାଛଡା ସ୍ୱାସ୍ଥ୍ୟପ୍ରତି ବିପଦ ସୃଷ୍ଟିର ସଂଭାବନା ଥିଲା ।

ଅଡିଟ୍ ମନ୍ତବ୍ୟକୁ ଗ୍ରହଣକରି ଡିସି ସାନିଟେସନ ସିଏମସି, କହିଲେ (ଜାନୁଆରୀ 2021) ଯେ କଂସେଇଖାନା ଗୁଡିକର ପରିଚାଳନା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ।

### 6.5.3 କଂସେଇଖାନା ଗୁଡିକର ନିର୍ମାଣରେ ନିଷ୍କ୍ରିୟ ବ୍ୟୟ

ପଶୁମାନଙ୍କ ପ୍ରତି କ୍ରୁରତା ରୋକିବା ପାଇଁ (କଂସେଇଖାନା) ନିୟମ,2001 ର ନିୟମ 3(1) ରେ ଧାର୍ଯ୍ୟ କରାଯାଇଛି ଯେ କୌଣସି ବ୍ୟକ୍ତି ଚିହ୍ନିତ କଂସେଇଖାନା କିମ୍ବା ଆଇନ ଦ୍ୱାରା କ୍ଷମତା ପ୍ରାପ୍ତ ସଂପୃକ୍ତ ଅଧିକାରୀଙ୍କ ଦ୍ୱାରା ପଶୁବଧ ପାଇଁ ଲାଇସେନ୍ସ ପ୍ରାପ୍ତ କଂସେଇଖାନା ବ୍ୟତିତ ମ୍ୟୁନିସିପାଲିଟି ଅଞ୍ଚଳରେ କୌଣସି ପ୍ରାଣୀକୁ ବଧ କରିବେ ନାହିଁ। ପୁଣି ଓଡିଶା ମ୍ୟୁନିସିପାଲିଟି କର୍ପୋରେସନ ଆକ୍ଟ 2003 ର ଅନୁଭାଗ 562 ସୂଚାଏ ଯେ କର୍ପୋରେସନ ଅଞ୍ଚଳରେ କୌଣସି ପଶୁର ରାସ୍ତାକଡରେ ବଧ ସଂମ୍ପୂର୍ଣ୍ଣ ଭାବେ ନିଷେଧ ଅଟେ।

ଅଡିଟ୍ ଦେଖିଲା ଯେ ଯାଞ୍ଚ ହୋଇଥିବା ୟୁଏଲବି ଗୁଡିକରେ ଛଅଟି (କଟକ-05,ଭୁବନେଶ୍ୱର-01) କଂସେଇଖାନା ଅଛି । ବିଏମସି ଗାଡକଣା ରେ (ଅଗଷ୍ଟ 2017) ₹7.02 କୋଟି ବ୍ୟୟରେ ଏକ କଂସେଇଖାନା ନିର୍ମାଣ କରିଥିଲା ଯାହା ଜାନୁଆରି 2021 ସୁଦ୍ଧା ପରିଚାଳନା ଏବଂ କାର୍ଯ୍ୟକାରୀ କରିବା ପାଇଁ ଟେଣ୍ଡରର ଚୁଡାନ୍ତ ନହେବା ଯୋଗୁଁ ନିଷ୍କ୍ରିୟ ରହିଥିଲା, ଫଳରେ ପାଣି ଅବରୋଧ ହେବା ସହ ସହରାଞ୍ଚଳରେ ବେଆଇନ ଭାବରେ ପଶୁବଧ ପାଇଁ ବାଟ ଖୋଲିଯାଇଥିଲା।



ଫଟୋଗ୍ରାଫ୍ 40:ସିଏମସି ର ଖାନ୍ ନଗର ଠାରେ ଭଙ୍ଗାରୁଜା ଅବସ୍ଥାରେ କଂସାଇଖାନା

ସିଏମସି ଦ୍ୱାରା ନିର୍ମିତ (1990) ଅନ୍ୟ ପାଞ୍ଚଟି କଂସେଇଖାନା ସିଏମସି ଅଧିକାରୀଙ୍କ ଦ୍ୱାରା ସଠିକ୍ ରକ୍ଷଣାବେକ୍ଷଣ ନହେବା ଯୋଗୁଁ ଜରାଜୀର୍ଣ୍ଣ ଅବସ୍ଥାରେ ଥିଲା ଏବଂ ଏହାର ଚାରିପାଖରେ ଦୁର୍ଗନ୍ଧ ସୃଷ୍ଟି ହେବା ସହ ପରିବେଶକୁ ଦୁଷିତ କରୁଥିଲା । ବିଏମସି ଏବଂ ସିଏମସି ପ୍ରାଧିକାରୀଙ୍କ କଂସେଇଖାନା ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଲାଗି ଟେଣ୍ଡର ଚୁଡାନ୍ତରେ ଅନିଶ୍ଚିତତା ଯୋଗୁଁ କଂସେଇଖାନା ପରିସର ଗୁଡିକ ଅସ୍ୱାସ୍ଥ୍ୟକର ହେଉଥିବା ଏବଂ ବେଆଇନ ପଶୁବଧ ହେଉଥିଲା।

## 6.6 ନିର୍ମାଣ ଏବଂ ଏହାର ଭଗ୍ନାବଶେଷ ବର୍ଜ୍ୟବସ୍ତୁ (ସି ଏବଂ ଡି) ର ପରିଚାଳନା

ଏମଏସଡବ୍ଲୁଏସ ନିୟମ 2000 ର ଧାରା 4.6 ରେ ଦର୍ଶାଯାଇଛି ଯେ ସି ଏବଂ ଡି ବର୍ଜ୍ୟବସ୍ତୁ, ମୁଖ୍ୟତଃ ନିଷ୍କ୍ରିୟ ପ୍ରକୃତିର ହୋଇଥିବା ଯୋଗୁଁ ରାସାୟନିକ କିମ୍ବା ଜୈବ ରାସାୟନିକ ପ୍ରଦୂଷଣ ସୃଷ୍ଟି କରେ ନାହିଁ। ତେଣୁ ସେଗୁଡିକର ପୁନରାବର୍ତ୍ତନ ଏବଂ ପୁନଃ ବ୍ୟବହାର ସାପେକ୍ଷ ପାଇଁ ସର୍ବାଧିକ ପ୍ରୟାସ କରାଯିବା ଉଚିତ୍। କେବଳ 2016 ରେ ହିଁ ସି ଏବଂ ଡି ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଅଲଗା ନିୟମଗୁଡିକ ହେଲା, ଯଥା ନିର୍ମାଣ ଏବଂ ଏହାର ଭଗ୍ନାବଶେଷ ପରିଚାଳନା ନିୟମ,2016 ଜିଓଆଇ ଦ୍ୱାରା ସୂଚିତ କରାଯାଇଥିଲା। ଇତି ମଧ୍ୟରେ, ଗୃହ ଏବଂ ନଗର ନିର୍ମାଣ ବିଭାଗ, ଜିଓଓ ସି ଏବଂ ଡି ବର୍ଜ୍ୟବସ୍ତୁ ରଣନୀତି ପରିଚାଳନା ପାଇଁ ନିର୍ଦ୍ଦେଶାବଳୀ ଜାରି କଲେ (ଜାନୁଆରୀ 2021)।

ଯାଞ୍ଚ ପାଇଁ 2015-17 ମଧ୍ୟରେ ରାଜ୍ୟରେ ଉତ୍ପାଦିତ ଏବଂ ପ୍ରକ୍ରିୟାକୃତ ସି ଏବଂ ଡି ବର୍ଜ୍ୟବସ୍ତୁର ବିବରଣୀ ପ୍ରଦାନ କରିବାକୁ ଏସପିସିବି ସକ୍ଷମ ହୋଇନଥିଲା । ତଥାପି, ଏସପିସିବି ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଅନୁଯାୟୀ 2017-20 ମଧ୍ୟରେ 24,191ଏମ.ଟି ସି ଏବଂ ଡି ବର୍ଜ୍ୟବସ୍ତୁ ସୃଷ୍ଟି ହୋଇଥିଲା।

ଯେହେତୁ ୟୁଏଲବି ଗୁଡିକ ସି ଏବଂ ଡି ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ପାଇଁ ଏ ପର୍ଯ୍ୟନ୍ତ ସୁବିଧା ପ୍ରତିଷ୍ଠା କରିନାହାନ୍ତି ଉତ୍ପାଦିତ/ସଂଗୃହିତ ସି ଏବଂ ଡି ଆବର୍ଜନା ଗୁଡିକର ପୁନରାବର୍ତ୍ତନ ଏବଂ ପୁନଃ ବ୍ୟବହାର ସାପେକ୍ଷ କରାଯାଇନଥିଲା ଏବଂ 2017-20 ମଧ୍ୟରେ ଲ୍ୟାଣ୍ଡଫିଲରେ ପକାଯାଇଥିଲା । ଏକ୍ଜିଟ୍ କନଫରେନ୍ସରେ, ଡିଏମଏ, ଗୃହ ଏବଂ ନଗର ଉନ୍ନୟନ ବିଭାଗ ନିଶ୍ଚିତ କରିଛନ୍ତି ଯେ ଗୃହ ଏବଂ ନଗର ଉନ୍ନୟନ କେବଳ ଜାନୁଆରୀ 2021 ରୁ ସି ଏବଂ ଡି ପରିଚାଳନା ଆରମ୍ଭ କରିଛି।

## 6.6.1 ନିର୍ମାଣ ଏବଂ ଏହାର ଭଗ୍ନାବଶେଷ ବର୍ଜ୍ୟବସ୍ତୁ ନିମନ୍ତେ ରାଜ୍ୟ ନୀତି

ସି ଏବଂ ଡି ବର୍ଜ୍ୟବସ୍ତୁ ପରିଚାଳନା ନିୟମ 2016 ର ଧାରା 9(1) ଅନୁଯାୟୀ, ବିଭାଗର ଦାୟିତ୍ୱରେ ଥିବା ସଚିବ ବିଜ୍ଞପ୍ତି ତାରିଖ ରୁ ଏକ ବର୍ଷ[51] ଯଥା ଫେବୃଆରୀ 2017 ମଧ୍ୟରେ ନିୟମାବଳୀ ଅନୁଯାୟୀ ସି ଏବଂ ଡି ବର୍ଜ୍ୟବସ୍ତୁ ପରିଚାଳନା ସହିତ ସେମାନଙ୍କ ନୀତିଗତ ଦଲିଲ ପ୍ରସ୍ତୁତ କରିବେ ।

ଅଡିଟ୍ ନୀରିକ୍ଷଣ କଲା ଯେ ପ୍ରଧାନ ସଚିବ, ଗୃହ ଓ ନଗର ନିର୍ମାଣ ବିଭାଗ ଡିସେମ୍ବର 2020 ସୁଦ୍ଧା ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ରାଜ୍ୟ ନୀତି ସୂଚିତ କରି ନାହାନ୍ତି । ରାଜ୍ୟ ନୀତିର ଅନୁପସ୍ଥିତିରେ, ନିୟମ 2016 ଲାଗୁ ହେବାର ପାଞ୍ଚ ବର୍ଷ ପରେ ମଧ ବିଭାଗ ଦ୍ୱାରା କୌଣସି କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇ ନାହିଁ ଏବଂ ଉତ୍ପାଦିତ ସି ଏବଂ ଡି ବର୍ଜ୍ୟବସ୍ତୁର ପୁନଃ ବ୍ୟବହାର ପାଇଁ ପ୍ରକ୍ରିୟାକରଣ ନକରି ଲ୍ୟାଣ୍ଡଫିଲ୍ ସ୍ଥାନକୁ ପଠାଯାଇଥିଲା ।

ଅବଶ୍ୟ, ନିର୍ମାଣ ଏବଂ ଭଗ୍ନାବଶେଷ ବର୍ଜ୍ୟବସ୍ତୁ ର ରଣନୈତିକ ପରିଚାଳନା ପାଇଁ ଜିଓଓ (ଜାନୁଆରୀ 2021) ରେ ନିର୍ଦ୍ଦେଶାବଳୀ ଜାରି କରିଛି ଯାହାକି ୟୁଏଲବି ଦ୍ୱାରା (ମାର୍ଚ୍ଚ 2021) ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ ।

## 6.6.2 ସି ଏବଂ ଡି ବର୍ଜ୍ୟବସ୍ତୁ ପାଇଁ ପ୍ରକ୍ରିୟାକରଣ ୟୁନିଟ୍

ସି ଏବଂ ଡି ବର୍ଜ୍ୟବସ୍ତୁର ଧାରା 6(5) ଏବଂ 6(11) ସୂଚାଏ ଯେ ସ୍ଥାନୀୟ କର୍ତ୍ତୃପକ୍ଷ ସଂଗୃହିତ ବର୍ଜ୍ୟବସ୍ତୁକୁ ପ୍ରକ୍ରିୟାକରଣ/ନିଷ୍କାସନ ପାଇଁ ଉପଯୁକ୍ତ ସ୍ଥାନକୁ ପରିବହନ କରିବେ ଏବଂ ନିର୍ମାଣ କାର୍ଯ୍ୟରେ ସି ଏବଂ ଡି ବର୍ଜ୍ୟବସ୍ତୁରୁ ନିର୍ମିତ ସାମଗ୍ରୀର ବ୍ୟବହାର ପାଇଁ ପ୍ରୋତ୍ସାହନ ପ୍ରଦାନ କରିବେ ।

ଅଡିଟ୍ ନୀରିକ୍ଷଣ କଲା ଯେ, ୟୁଏଲବି ଗୁଡିକ ସି ଏବଂ ଡି ବର୍ଜ୍ୟବସ୍ତୁର ବ୍ୟବହାର, ପୁନଃ ବ୍ୟବହାର ଏବଂ ପ୍ରକ୍ରିୟାକରଣ ସୁବିଧା ପାଇଁ ଏକ ବିସ୍ତୃତ ଯୋଜନା ପ୍ରସ୍ତୁତ କରିନାହାନ୍ତି ।

ସରକାର କହିଲେ (ମଇ 2022) ଯେ, ରାଜ୍ୟ ସି ଏବଂ ଡି ବର୍ଜ୍ୟ ପ୍ରଣୟନର ପ୍ରାରମ୍ଭିକ ସ୍ତରରେ ଅଛି । ୱାର୍ଡ ଗୁଡିକରୁ ସି ଏବଂ ଡି ବର୍ଜ୍ୟ ସଂଗ୍ରହ କଲା ପରେ ତାକୁ ଏକ ନିର୍ଦ୍ଧିଷ୍ଟ ଯାଗାରେ ପ୍ରକ୍ରିୟାକରଣ ପାଇଁ ରଖାଯାଏ ଏବଂ ତା ପରେ ପ୍ରକ୍ରିୟାକରଣ କରାଯାଏ । ପରନ୍ତୁ, ତଥ୍ୟ ଏହା ଯେ , ସି ଏବଂ ଡି ବର୍ଜ୍ୟର ବ୍ୟବହାର ପାଇଁ ୟୁଏଲ୍‌ବି ଗୁଡିକ ଯୋଜନା ପ୍ରସ୍ତୁତ କରିବାରେ ବିଫଳ ହୋଇଥିଲେ ଏବଂ ସି ଏବଂ ଡି ନିୟମ 2016 ର କାର୍ଯ୍ୟକାରୀ ହେବାର 5 ବର୍ଷ ପରେ ମଧ୍ୟ ପ୍ରକ୍ରିୟାକରଣ ସୁବିଧା କରିବାରେ ବିଫଳ ହୋଇଥିଲେ ।

## 6.6.3 ସହର ଗୁଡିକରେ ସି ଏବଂ ଡି ବର୍ଜ୍ୟବସ୍ତୁର ପରିଚାଳନା ପାଇଁ ପ୍ରାଧିକରଣ

ସି ଏବଂ ଡି ପରିଚାଳନା ନିୟମ 2016 ର ଧାରା 8(2) ଅନୁଯାୟୀ, ଫର୍ମ -1 ରେ ଗ୍ରହଣ କରାଯାଇଥିବା ଆବେଦନକୁ ଯାଞ୍ଚ କରିବା ପରେ ନିୟମ ଅନୁଯାୟୀ ନିର୍ଦ୍ଧିଷ୍ଟ ହୋଇଥିବା ଫର୍ମ- III ରେ ସି ଏବଂ ଡି ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ସୁବିଧା ପାଇଁ ଏସପିସିବି ଅନୁମତି ପ୍ରଦାନ କରିବ ।

ଅଡିଟ୍ ନୀରିକ୍ଷଣ କଲା ଯେ ସି ଏବଂ ଡି ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ସୁବିଧା ପାଇଁ କୌଣସି ବି ୟୁଏଲବି ସ୍ୱୀକୃତି ପାଇଁ ଆବେଦନ କରିନାହାନ୍ତି ଯାହା ଦ୍ୱାରା କୌଣସି ପ୍ରକ୍ରିୟାକରଣ କିମ୍ବା ପୁନଃ ବ୍ୟବହାର ନକରି ସି ଏବଂ ଡି ଆବର୍ଜନା ଖୋଲା ସ୍ଥାନରେ ପକାଯାଉଛି ଏବଂ ପରିବେଶ ପ୍ରଦୂଷଣ ହେଉଛି ।

ସରକାର କହିଲେ (ମଇ 2022) ଯେ, ସି ଏବଂ ଡି ବର୍ଜ୍ୟ ଠିକ୍ ସମୟରେ ପ୍ରକ୍ରିୟାକରଣ ଲାଗି ଅଧିକୃତ ନିମନ୍ତେ ଆବେଦନ କରିବା ଲାଗି ପଦକ୍ଷେପ ନିଆଯିବ ।

[51] ସି ଏବଂ ଡି ବର୍ଜ୍ୟବସ୍ତୁ ପରିଚାଳନା ନିୟମ ମାର୍ଚ୍ଚ 2016 ରୁ ଲାଗୁ ହୋଇଛି

## 6.6.4 ନିର୍ମାଣ କାର୍ଯ୍ୟପାଇଁ ସିଏବଂ ଡି ବର୍ଜ୍ୟବସ୍ତୁ ବ୍ୟବହାର ନହେବା

ସି ଏବଂ ଡି ବର୍ଜ୍ୟବସ୍ତୁ ପରିଚାଳନା ନିୟମ 2016 ର ଧାରା 11 ରେ କୁହାଯାଇଛି ଯେ ବ୍ୟୁରୋ ଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡ(ବିଆଇଏସ୍) ଏବଂ ଇଣ୍ଡିଆନ ରୋଡ କଂଗ୍ରେସ (ଆଇଆର୍‌ସି) ପୁନଃ ବ୍ୟବହୃତ ସାମଗ୍ରୀ ଏବଂ ନିର୍ମାଣ ଏବଂ ଏହାର ଭଗ୍ନ ବର୍ଜ୍ୟବସ୍ତୁ କୁ ନିର୍ମାଣ କାର୍ଯ୍ୟରେ ବ୍ୟବହାର ପାଇଁ ନିୟମ ଏବଂ ମାନକ ପ୍ରସ୍ତୁତ ପାଇଁ ଦାୟୀ ରହିବେ ଏବଂ ଆଇଆର୍‌ସି ମୁଖ୍ୟତଃ ରାସ୍ତା ନିର୍ମାଣ ନିମନ୍ତେ ମାନକ ଏବଂ ଅଭ୍ୟାସ ରୀତି ପାଇଁ ଉତ୍ତରଦାୟୀ ରହିବ । ଆଇଆର୍‌ସି - 121-2017 ସି ଏବଂ ଡି ବର୍ଜ୍ୟକୁ ରାସ୍ତା କାମରେ ବ୍ୟବହାର ଲାଗି ନିୟମ ପ୍ରଦାନ କରିଥିଲା ।



ଫଟୋଗ୍ରାଫ୍ 41:ରାଉରକେଲା ବିପିୟୁଟି ଠାରେ ସି ଏବଂ ଡି ବର୍ଜ୍ୟବସ୍ତୁ ର ଜମାସ୍ଥଳ

ଅଡିଟ୍ ନୀରିକ୍ଷଣ କଲା ଯେ କୌଣସି ବି ୟୁଏଲବି ସି ଏବଂ ଡି ବର୍ଜ୍ୟ କୁ ନିର୍ମାଣ କାର୍ଯ୍ୟରେ ବ୍ୟବହାର କରିନଥିଲେ ଏବଂ ଏହା ଖୋଲା ଜାଗା ରେ ଜମିରହି ପରିବେଶ ପ୍ରଦୂଷଣ କରୁଥିଲା ।

ସରକାର କହିଲେ (ମଇ 2022) ଯେ, ସଂଗୃହିତ ବର୍ଜ୍ୟର ପରିମାଣ ଲାଭଜନକ ପ୍ରକଳ୍ପ ନିମନ୍ତେ ଯଥେଷ୍ଟ ନଥିଲା । ତେଣୁ ସି ଏବଂ ଡି ବର୍ଜ୍ୟକୁ ରାସ୍ତା ନିର୍ମାଣର ସବ-ଗ୍ରେଡ୍, ସବ୍-ବେସ୍, ଖାଲ ଯାଗାକୁ ଉଚ୍ଚା କରିବା ଲାଗି ବ୍ୟବହାର କରାଯାଉଅଛି । ଏହି ଉତ୍ତରଟି ଗ୍ରହଣୀୟ ନଥିଲା ଯେହେତୁ ପରିକ୍ଷା ଯାଞ୍ଚ ହୋଇଥିବା କୌଣସି ୟୁଏଲବି ସିଏବଂ ଡି ବର୍ଜ୍ୟକୁ ରାସ୍ତା ନିର୍ମାଣ ପାଇଁ ବ୍ୟବହାର କରିନଥିଲେ ଏବଂ ଏହା ଖୋଲା ଯାଗାରେ ଜମା କରାଯାଇଥିଲା ଯାହା ପରିବେଶ ଦୂଷିତ କରୁଥିଲା ।

## 6.6.5 ଧୂଳି ହ୍ରାସ ନିମନ୍ତେ ପଦକ୍ଷେପ ର ଅଣ କାର୍ଯ୍ୟକାରୀତା

ଗେଜେଟ୍ ବିଜ୍ଞପ୍ତି 25 ଜାନୁଆରୀ 2018 (ଧାରା 106 ଏବଂ 107) ଅନୁଯାୟୀ, ଖୋଲା ଅଞ୍ଚଳରେ ନିର୍ମାଣ ସାମଗ୍ରୀକୁ ଗୁଣ୍ଡ କରିବା , କାଟିବା ଏବଂ ରାସ୍ତା ପାର୍ଶ୍ୱରେ ସଂରକ୍ଷଣ କରିବା ନିଷେଧ । ନିର୍ମାଣ ସାମଗ୍ରୀ ଏବଂ ବର୍ଜ୍ୟବସ୍ତୁ ବହନ କରୁଥିବା କୌଣସି ଯାନକୁ ବିନା ଆବରଣରେ ପରିବହନ ପାଇଁ ଅନୁମତି ଦିଆଯିବ ନାହିଁ । ଅଡିଟ୍ ନୀରିକ୍ଷଣ କଲା ଯେ ଜନସାଧାରଣ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠାନ ଦ୍ୱାରା ନିର୍ମାଣ ସାମଗ୍ରୀ ବିନା ଆବରଣରେ ପରିବହନ ହେଉଥିଲା ଯାହା ଫଟୋଗ୍ରାଫ୍ 42 ରେ ଦେଖାଯାଇଛି । ୟୁଏଲବି ଗୁଡିକ ପରିବେଶ ପ୍ରଦୂଷଣ କରୁଥିବା ଲାଗି ନିୟମର ଉଲଘଂନ ନିମନ୍ତେ କୌଣସି ଦଣ୍ଡବିଧାନ କରିନାହାନ୍ତି ।



ଫଟୋଗ୍ରାଫ୍ 42: ରାଉରକେଲା ୟୁଏଲବିରେ ନିର୍ମାଣ ସାମଗ୍ରୀ ଖୋଲା ଗାଡିରେ ପରିବହନ ହେଉଛି

ସରକାର କହିଲେ (ମଇ 2022) ଯେ, ୟୁଏଲବି ଗୁଡିକୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଲାଗି ଉପଯୁକ୍ତ ନିର୍ଦ୍ଦେଶ ଦିଆଯାଇଛି ।

## 6.6.6 ନିର୍ମାଣ ଓ ଏହାର ଧ୍ୱଂସାବଶେଷ ବର୍ଜ୍ୟବସ୍ତୁ ର ବହୁଳ ଉତ୍ପାଦକ ଙ୍କ ଉପରେ ବ୍ୟବହାର ଶୁଳ୍କ ଲାଗୁ ନହେବା

ସି ଏଣ୍ଡ ଡି ବର୍ଜ୍ୟ ପରିଚାଳନା ନିୟମ 2016, ର ଧାରା 4(5) ଅନୁଯାୟୀ ପ୍ରତ୍ୟେକ ବର୍ଜ୍ୟବସ୍ତୁ ଉତ୍ପନ୍ନକାରୀ ସଂଗ୍ରହ, ପରିବହନ, ପ୍ରକ୍ରିୟାକରଣ ଏବଂ ନିଷ୍କାସନ ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ଅଧିକାରୀ ସ୍ଥିର କରିଥିବା ଦେୟ ପ୍ରଦାନ କରିବେ । ଅଡିଟ୍ ନୀରିକ୍ଷଣ କଲା ଯେ କୌଣସି ବି ୟୁଏଲବି ଦେୟ ଦର ଏବଂ ସି ଏଣ୍ଡ ଡି ବର୍ଜ୍ୟବସ୍ତୁ ଉତ୍ପନ୍ନକାରୀଙ୍କ ଠାରୁ ଦେୟ ସଂଗ୍ରହର ନିୟମ ସ୍ଥିର କରିନଥିଲେ ।

ସରକାର କହିଲେ (ମଇ 2022) ଯେ, ସି ଏବଂ ଡି ବର୍ଜ୍ୟ ଉତ୍ପନ୍ନ କାରୀଙ୍କ ଠାରୁ ବ୍ୟବହାର ଶୁଳ୍କ ଆଦାୟ ଲାଗି ୟୁଏଲବି ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପରନ୍ତୁ, ୟୁଏଲବି ଗୁଡିକ ମାର୍ଚ୍ଚ 2021 ସୁଦ୍ଧା ବ୍ୟବହାର ଶୁଳ୍କ ସଂଗ୍ରହ କରିବାରେ ବିଫଳ ହୋଇଥିଲେ ଯାହା ସୂଚିତ କରୁଥିଲା ଯେ ୟୁଏଲବି ଗୁଡିକ ନିଜ ରାଜସ୍ୱ ଆଦାୟ ଲାଗି ସକ୍ରିୟ ନଥିଲେ ଏବଂ ଉଲଘଂନକାରୀ ଙ୍କ ପ୍ରତି କଠୋର ନଥିଲେ ।